RNI No.ODIODI/2010/33031
୧୬ ବର୍ଷ — Volume- 16
ISSUE -288 — ସଂଖ୍ୟା-୨୮୮
ଭୁବନେଶ୍ୱର, ସୋମବାର ୦୨ ଫେବୃଆରୀ ୨୦୨୬
Bhubaneswar, Monday 02 February, 2026
୦୮ ପୃଷ୍ଠା — Pages-08
ମୂଲ୍ୟ : ୨.୦୦ ଟଙ୍କା — Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com — RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ବଜେଟ୍ ୨୦୨୬-୨୭ ଉପସ୍ଥାପିତ

# ୫୩.୫୪ ଲକ୍ଷ କୋଟିର ବଜେଟ୍

## ଫୋକସ୍‌ରେ ଦେଶର ଗାଁ, ଗରିବ, ମହିଳା ଓ ଚାଷୀ

ନୂଆଦିଲ୍ଲୀ,୧।୨(ନି.ପ୍ର.): ସାରାଦେଶ ପାଇଁ ବର୍ଷକର ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଦେଶକୁ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି କରିବା ଲକ୍ଷ୍ୟ ନେଇ ବଜେଟରେ ଭିତ୍ତିଭୂମିର ବିକାଶକୁ ଦିଆଯାଇଛି ବିଶେଷ ଗୁରୁତ୍ୱ । ସେହିପରି ଚାଷୀ, ମହିଳା, ମତ୍ସ୍ୟଜୀବୀ, ବୁଣାକାର, ଯୁବ ବର୍ଗ, ଛୋଟ ବ୍ୟବସାୟୀଙ୍କ ପାଇଁ ହୋଇଛି ସ୍ୱତନ୍ତ୍ର ବ୍ୟୟବରାଦ । ବଜେଟକୁ ପ୍ରଶଂସାକୁ ନରେନ୍ଦ୍ର ମୋଦୀ ।

ପରମ୍ପରା ଓ ବିଧି ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜଭବନରେ ଭେଟିବା ପରେ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ୨୦୨୬-୨୭ ଆର୍ଥିକବର୍ଷ ପାଇଁ ମୋଟ୍ ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କାର ହୋଇଛି ବ୍ୟୟବରାଦ । ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଦିଆଯାଇଛି ବିଶେଷ ଗୁରୁତ୍ୱ । କେନ୍ଦ୍ର ଫୋକସ୍ ରେ ଦେଶର ଗାଁ, ଗରିବ, ମହିଳା ଓ ଚାଷୀ ଅଛନ୍ତି ବୋଲି ବାର୍ତ୍ତା ଦେବାକୁ ଭରପୂର ପ୍ରୟାସ କରିଛନ୍ତି । କହିଛନ୍ତି, ଲୋକଙ୍କ ଆଶା ପୂରଣ କରିବା ଏବଂ ସେମାନଙ୍କୁ ଦେଶର ବିକାଶରେ ଅଂଶଗ୍ରହଣ କରିବା, ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ମହିଳାଙ୍କ ବିକାଶ ପାଇଁ ବଜେଟରେ ରହିଛି ସ୍ୱତନ୍ତ୍ର ବ୍ୟବସ୍ଥା । ଦେଶର ଅଧା ଭାଗ ଲୋକ ମହିଳା ହୋଇଥିବାରୁ ସେମାନଙ୍କୁ ଖୁସୀ କରିବା ଲାଗି ଭରପୂର ଉଦ୍ୟମ କରିଛନ୍ତି ଅର୍ଥମନ୍ତ୍ରୀ । ମହିଳାଙ୍କୁ ଉଦ୍ୟୋଗୀ ଏବଂ ଆତ୍ମନିର୍ଭରଶୀଳ କରିବା ପାଇଁ ସି ମାର୍ଟସ ଯୋଜନା କରିଛନ୍ତି । ଏହା ସେମାନଙ୍କୁ ଷ୍ଟୋରଫ୍ରଣ୍ଟ ଏବଂ ସୁପରଷ୍ଟୋର ଭଳି ବ୍ୟବସାୟ ଖୋଲିବାରେ ସାହାଯ୍ୟ କରିବ । ଏଥିସହ ପ୍ରତ୍ୟେକ ଜିଲ୍ଲାରେ ଛାତ୍ରୀ ନିବାସ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି ।

କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ, ଆରମ୍ଭ ହେବ ଭାରତ ବିସ୍ତାର । ଯାହା ଏକ ବହୁଭାଷୀ ଏଆଇ ଆଧାରିତ ଉପକରଣ। ଏହା ଚାଷୀଙ୍କୁ ଉତ୍ପାଦନ ବୃଦ୍ଧିରେ, ଉପଯୁକ୍ତ ନିଷ୍ପତ୍ତି ନେବାରେ ଓ କଷ୍ଟମାଇଜ୍ଡ ପରାମର୍ଶଦାତା ଭାବେ ସହାୟତା ଯୋଗାଇବ। ସେହିପରି ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫ ଶହ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ରହିଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁ ପାଳନ ଉଦ୍‌ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏଥିସହ ନଡ଼ିଆ ଓ କାଜୁ ଚାଷକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ କରିଛନ୍ତି । ବୁଣାକାରଙ୍କ ପାଇଁ ଆରମ୍ଭ ହେବ ମହାତ୍ମା ଗାନ୍ଧୀ ସ୍ୱରାଜ ଯୋଜନା। ଏହି ଯୋଜନାରେ ହେବ ଟେକ୍ସଟାଇଲ୍ ପାର୍କ। ଖଦି ଓ ହ୍ୟାଣ୍ଡଲୁମ୍‌କୁ ଅଧିକ ସଶକ୍ତ କରାଯିବ । ବଜେଟ ଉପସ୍ଥାପନ ପରେ ମୋଦୀ କହିଛନ୍ତି ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥା କରିବା ଆମର ଲକ୍ଷ୍ୟ ।

ଚାଷୀ, ପଶୁପାଳନ ଓ ପଶୁଚିକିତ୍ସା ବୃତ୍ତିଗତମାନଙ୍କ ପାଇଁ ବିଭିନ୍ନ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି । ବଜେଟ୍‌ରେ ମହିଳା ନେତୃତ୍ୱାଧୀନ ଗ୍ରାମୀଣ ଉଦ୍‌ଯୋଗଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫୦୦ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ଦିଆଯାଇଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଘୋଷଣା କରିଛନ୍ତି । କେରଳ ଓ ତାମିଲନାଡୁ ଭଳି ନଡ଼ିଆ ଚାଷ କରୁଥିବା ରାଜ୍ୟଗୁଡ଼ିକୁ ଟାର୍ଗେଟ କରି, ଅର୍ଥମନ୍ତ୍ରୀ ଏକ ନଡ଼ିଆ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରିଛନ୍ତି ଯାହାର ଉଦ୍ଦେଶ୍ୟ ହେଉଛି ଉତ୍ପାଦନ ଓ ଉତ୍ପାଦକତାକୁ ଉନ୍ନତ କରିବା ତଥା ପ୍ରାୟ ୩୦ ନିୟୁତ ଲୋକଙ୍କୁ ଲାଭ ପହଞ୍ଚାଇବା । ଏହା ଦ୍ୱାରା ୧୦ ନିୟୁତ ନଡ଼ିଆ ଚାଷୀ ଉପକୃତ ହୋଇପାରିବେ। ସରକାର ୨୦୩୦ ସୁଦ୍ଧା ଭାରତୀୟ କାଜୁ ଓ କୋକୋଆକୁ ପ୍ରିମିୟମ୍ ଗ୍ଲୋବାଲ୍ ବ୍ରାଣ୍ଡ ଭାବରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାର ଯୋଜନା ମଧ୍ୟ କରିଛନ୍ତି । ଭାରତୀୟ ଚନ୍ଦନ କାଠ କାରବାରକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ କାମ କରିବାକୁ ଲକ୍ଷ୍ୟ ରଖାଯାଉଛି । । କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଆଣିବା ପାଇଁ, ଭାରତ ବିସ୍ତାର ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି । ଯାହା ଏକ ବହୁଭାଷୀ ଏଆଇ ଆଧାରିତ ଉପକରଣ । ଏହା ଚାଷୀମାନଙ୍କୁ ଉତ୍ପାଦକତା ଉନ୍ନତ କରିବାରେ, ଉପଯୁକ୍ତ ନିଷ୍ପତ୍ତି ନେବାରେ ଓ କଷ୍ଟମାଇଜ୍ଡ ପରାମର୍ଶଦାତା ସହାୟତା ଯୋଗାଇବ। ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧି କରିବା ପାଇଁ, ବଜେଟ୍‌ରେ ମହିଳାମାନଙ୍କ ନେତୃତ୍ୱାଧୀନ ଉଦ୍‌ଯୋଗଗୁଡ଼ିକ ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ (ଏସ୍‌ଏଚ୍‌ଇ)ମାର୍ଟ ସ୍ଥାପନ କରିବାର ପ୍ରସ୍ତାବ ଦିଆଯାଇଛି । ଏହା ଲକ୍ଷପତି ଦିଦି କାର୍ଯ୍ୟକ୍ରମର ସଫଳତା ଉପରେ ଆଧାରିତ। ଏହା ଦ୍ୱାରା ମହିଳାମାନେ ଋଣ ନେଇ ବ୍ୟବସାୟ ଆରମ୍ଭ କରିପାରିବେ ।

ପ୍ରଥମ ବଜେଟରେ ସରକାର ଗରିବ, ଅସହାୟ ଏବଂ ବଞ୍ଚିତ ଶ୍ରେଣୀର ବିକାଶ ପାଇଁ ନିଜର ସଂକଳ୍ପ ଦୋହରାଇଛନ୍ତି। ଏହି ସଂକଳ୍ପକୁ ପୂରଣ କରିବା ପାଇଁ ଅର୍ଥମନ୍ତ୍ରୀ ତିନୋଟି 'କର୍ତ୍ତବ୍ୟ' ଉପରେ ଗୁରୁତ୍ୱ ଦେଇଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଏହି କର୍ତ୍ତବ୍ୟଗୁଡ଼ିକ ଦେଶକୁ ଏକ ସମୃଦ୍ଧ ଏବଂ ସମାବେଶୀ ଅର୍ଥନୀତି ଆଡ଼କୁ ଆଗେଇ ନେବାରେ ସହାୟକ ହେବ ।ପ୍ରଥମ କର୍ତ୍ତବ୍ୟ ହେଉଛି ଅର୍ଥନୈତିକ ଅଭିବୃଦ୍ଧି। ଉତ୍ପାଦନ କ୍ଷମତା ଓ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରି ଦେଶର ଅର୍ଥନୀତିକୁ ଗତିଶୀଳ କରିବା। ବିଶ୍ୱସ୍ତରୀୟ ଅସ୍ଥିରତା ମଧ୍ୟରେ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ।ସେହିପରି, ଦ୍ୱିତୀୟ କର୍ତ୍ତବ୍ୟ ହେଲା ଲୋକଙ୍କ ସାମର୍ଥ୍ୟ ବୃଦ୍ଧି। ଦେଶବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା। ଯାହାଫଳରେ ପ୍ରତିଟି ନାଗରିକ ଭାରତର ସମୃଦ୍ଧି ପଥରେ ଜଣେ ଜଣେ ଶକ୍ତିଶାଳୀ ସହଭାଗୀ ହୋଇପାରିବ । ତୃତୀୟ କର୍ତ୍ତବ୍ୟ ରହିଛି ସମ୍ବଳର ସମାନ ବଣ୍ଟନ: 'ସବ୍‌କା ସାଥ୍ ସବ୍‌କା ବିକାଶ' ଦୃଷ୍ଟିକୋଣକୁ ଆଧାର କରି ପ୍ରତିଟି ପରିବାର, ସମ୍ପ୍ରଦାୟ, ଅଞ୍ଚଳ ଏବଂ କ୍ଷେତ୍ର ଯେପରି ଆବଶ୍ୟକ ସମ୍ବଳ ଓ ସୁବିଧା ପାଇପାରିବେ, ତାହା ନିଶ୍ଚିତ କରିବା।



## ବଜେଟ ଅଭିଭାଷଣ ମୁଖ୍ୟାଂଶ

୧. ପ୍ରଥମ ଥର ପାଇଁ କର୍ତ୍ତବ୍ୟ ଭବନରୁ ବଜେଟ ଅଭିଭାଷଣ
୨. ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ସହିତ ତ୍ୱରିତ ଅଭିବୃଦ୍ଧି ଲକ୍ଷ୍ୟ
୩ ଭାରତ ହେବ ବାୟୋଫାର୍ମା ହବ୍, ୧୦ ହଜାର କୋଟିର 'ବାୟୋଫାର୍ମା ଶକ୍ତି' ଯୋଜନା
୪. ଓଡିଶା ଭଳି ଖଣିଜ ସଂପଦ ସଂପନ୍ନ ରାଜ୍ୟଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବୟବରାଦ
୫. 'ଆତ୍ମନିର୍ଭର ଭାରତ' ଉପରେ ଗୁରୁତ୍ୱ
୬. ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡିକର ବିକାଶ ପାଇଁ ନକ୍ସା
୭. ଦେଶରେ ପ୍ରମୁଖ ସହରଗୁଡିକୁ ଯୋଡିବ ୭ଟି 'ହାଇସ୍ପିଡ୍ ରେଳ କରିଡର୍'
୮. ହସ୍ତତନ୍ତର ବିକାଶ ପାଇଁ ଆସିବ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଯୋଜନା
୯. ୪୦,୦୦୦ କୋଟି ବ୍ୟୟବରାଦରେ 'ଇଣ୍ଡିଆ ସେମିକଣ୍ଡକ୍ଟର ମିସନ୍'
୧୦ ଗରିବ ଓ ଅନୁନ୍ନତ ଶ୍ରେଣୀ ପାଇଁ '୩ କର୍ତବ୍ୟ
୧୧- ଶସ୍ତା ହେବ ମଧୁମେହ ଏବଂ କର୍କଟ ଔଷଧ
୧୨-ବଡ଼ ବୟନଶିଳ୍ପ ପାର୍କ ନିର୍ମାଣ କରାଯିବ
୧୩-ସହରାଞ୍ଚଳ ଅର୍ଥନୈତିକ କ୍ଷେତ୍ର ପାଇଁ ବାର୍ଷିକ ୫,୦୦୦ କୋଟି ଟଙ୍କା ଖର୍ଚ୍ଚ
୧୪-୨୦ ନୂତନ ଜଳପଥ ପ୍ରସ୍ତୁତ କରାଯାଉଛି
୧୫-ଓଡିଶା ସମେତ ଚାରୋଟି ରାଜ୍ୟରେ ଖଣିଜ କରିଡର
୧୬-୩ଟି ରାସାୟନିକ ପାର୍କ ନିର୍ମାଣ
୧୭-କ୍ଷୁଦ୍ର ଓ କ୍ଷୁଦ୍ର ଶିଳ୍ପ ପାଇଁ ୧୦,୦୦୦ କୋଟି ବିନିଯୋଗ
୧୮-ମହାତ୍ମା ଗାନ୍ଧୀ ଆତ୍ମନିଯୁକ୍ତି ଯୋଜନା ଘୋଷଣା

## ଦେଶର ପ୍ରମୁଖ ସହର ଯୋଡିବେ ନୂଆ ରେଳ ଲାଇନ୍

ନୂଆଦିଲ୍ଲୀ,୧।୨: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ୨୦୨୬ -୨୭ ରେ ରେଳ ସମ୍ବନ୍ଧୀୟ ଏକ ବଡ ଘୋଷଣା କରିଛନ୍ତି । ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହାଇସ୍ପିଡ ରେଳ କରିଡର କାର୍ଯ୍ୟକାରୀ ହେବା ନେଇ ଏକ ବଡ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଯାହା ଭାରତର ପ୍ରମୁଖ ସହର ସହ ଯୋଡିବ । ଏହି ରେଳ କରିଡର ଭାରତ ସମେତ ଅନ୍ୟ ପ୍ରମୁଖ ସହର ସହ ଯୋଡି ହେବା ନେଇ ସୂଚନା ଦେଇଛନ୍ତି ।ମୁମ୍ବାଇ – ପୁନେ :- ମହାରାଷ୍ଟ୍ରର ଏହି ଦୁଇଟି ବଡ ସହର ମଧ୍ୟରେ ସମ୍ପର୍କ ସୁଦୃଢ ହେବା ସହ ରେଳ ଚଳାଚଳ ମଧ୍ୟ ମଜବୁତ ରହିବ । ପୁନେ – ହାଇଦ୍ରାବାଦ୍ :- ମହାରାଷ୍ଟ୍ର ଏବଂ ତେଲେଙ୍ଗାନାକୁ ଯୋଡିବ । ହାଇଦ୍ରାବାଦ- ଚେନ୍ନାଇ :- ଦକ୍ଷିଣ ଭାରତର ମହତ୍ୱପୂର୍ଣ୍ଣ ସ୍ଥାନ ସହ ସଂଯୋଗ କରିବ । ହାଇଦ୍ରାବାଦ-ବେଙ୍ଗାଲୁରୁ :- ଆଇଟି ହବ୍ ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ମଧ୍ୟରେ ଦୃଢ ସଂଯୋଗ କରିବ। ଚେନ୍ନାଇ – ବେଙ୍ଗାଲୁରୁ :- ତାମିଲନାଡୁ ଏବଂ କର୍ଣ୍ଣାଟକ ମଧ୍ୟରେ ହାଇସ୍ପିଡ ଲିଙ୍କ । ଦିଲ୍ଲୀ – ବାରଣାସୀ :- ରାଜଧାନୀ ଦିଲ୍ଲୀ ସହ ପବିତ୍ର ବାରଣାସୀ ସହ ରେଳ ଯୋଗାଯୋଗ ସୁଦୃଢ ହେବ , ଏହା ପର୍ଯ୍ୟଟନର ବିକାଶ ସହ ଦେଶର ଆର୍ଥିକ ପରିସ୍ଥିତିକୁ ମଧ୍ୟ ଯୋଡିବ। ବାରଣାସୀ – ସିଲିଗୁଡି :- ପୂର୍ବ ଭାରତ ସହିତ ମଜଭୁତ ସ୍ଥିତି ସୁଦୃଢ ହେବ , ଖାସକରି ପଶ୍ଚିମବଙ୍ଗ ଏବଂ ପୂର୍ବ ରାଜ୍ୟ ପାଇଁ ଏହା ବେଶ୍ ଫାଇଦାବାନ୍ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେଉଁ ରେଳକୁ ଅଧିକ ଅଗ୍ରଗତି ଦିଗରେ ଦୃଷ୍ଟି ଦେବାକୁ ନେଇ ବଜେଟ୍ ଉପସ୍ଥାପନ କରିଛନ୍ତି।

### ଶସ୍ତା

କପଡା, ଚମପ ସାମଗ୍ରୀ, ସିନ୍ଥେଟିକ ଚପଲ ଜୋତା, ଚମଡା ଉତ୍ପାଦ, ଲିଥିୟନ ଆୟନ ସେଲ, ମୋବାଇଲ ବ୍ୟାଟେରୀ, ସୋଲାର ଗ୍ଲାସ, ଖେଳକୁଦ ସାମଗ୍ରୀ, କ୍ୟାନସରର ୧୭ ଔଷଧ, ବିଡି, ମୋବାଇଲ ଫୋନ, ଇଭି ବ୍ୟାଟେରୀ, ବାୟୋଗ୍ୟାସ ମିଶ୍ରିତ ସିଏନଜି, ସୋଲାର ଜଡିତ ସାମଗ୍ରୀ, ବିମାନ ଇନ୍ଧନ, ବିଦେଶ ଯାତ୍ରା ।

### ମହଙ୍ଗା

ମଦ, ଖଣିଜ ପଦାର୍ଥ, ପାନ ମସଲା, ସିଗାରେଟ, ତମାଖୁ ସାମଗ୍ରୀ, ଆମଦାନିଯୁକ୍ତ ଦାମୀ କାର, ଆମଦାନିଯୁକ୍ତ ଘଣ୍ଟା, ସୌଖିନ ପୋଷାକ।

# ବଜେଟରେ ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଘୋଷଣା

## ବିରଳ ଖଣିଜ କରିଡ଼ର, କଇଁଛ ପର୍ଯ୍ୟଟନକୁ ମିଳିବ ପ୍ରୋତ୍ସାହନ

ନୂଆଦିଲ୍ଲୀ,୧।୨(ନି.ପ୍ର.): ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ବଜେଟରେ ନିର୍ମଳା ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଓଡିଶା ସମେତ ୫ଟି ରାଜ୍ୟରେ ବିରଳ ଖଣିଜ କରିଡର ନେଇ ଘୋଷଣା କରିଛନ୍ତି। କେରଳ, ଓଡିଶା, ତାମିଲନାଡୁ, ଛତିଶଗଡ ଓ ଝାଡଖଣ୍ଡରେ ଏହି କରିଡର ନିର୍ମାଣ ହେବ। ନିର୍ମଳା କହିଛନ୍ତି ଆମ ସରକାର ନିଯୁକ୍ତି ଓ ଉତ୍ପାଦନକୁ ଗୁରୁତ୍ୱ ଦେଇଛନ୍ତି।

କେନ୍ଦ୍ର ପକ୍ଷରୁ ଓଡ଼ିଶାରେ କଇଁଛଙ୍କ ପାଇଁ ପଥ ବିକଶିତ କରିବାର ଯୋଜନା ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇକୋ-ପର୍ଯ୍ୟଟନକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ପ୍ରୟାସର ଅଂଶ ସ୍ୱରୂପ, ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳର ପ୍ରମୁଖ ବାସସ୍ଥଳ ଗୁଡ଼ିକରେ କଇଁଛଙ୍କ ପାଇଁ ପଥ ବିକଶିତ କରିବାର ଯୋଜନା ଘୋଷଣା କରିଛନ୍ତି। ଓଡିଶାରେ କଇଁଛ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ।

ଏହି ପଦକ୍ଷେପରେ ଆନ୍ଧ୍ର ପ୍ରଦେଶର ପୁଲିକାଟ ହ୍ରଦ କୂଳରେ ପକ୍ଷୀ ଦେଖିବା ପାଇଁ ତିନୋଟି ପଥ ମଧ୍ୟ ଅନ୍ତର୍ଭୁକ୍ତ ହେବ। ବଜେଟରେ ରାୟଗିରି, ଲୋଥଲ, ସାରନାଥ ଏବଂ ହସ୍ତିନାପୁର ସମେତ ୧୫ଟି ପ୍ରତ୍ନତାତ୍ତ୍ୱିକ ସ୍ଥାନକୁ ସାଂସ୍କୃତିକ ଗନ୍ତବ୍ୟସ୍ଥଳରେ ବିକଶିତ କରିବା ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଏହା ଭାରତର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ପର୍ଯ୍ୟଟକଙ୍କ ପାଇଁ ଏହାକୁ ଅଧିକ ସୁଗମ ଏବଂ ଆକର୍ଷଣୀୟ କରିବା ଲକ୍ଷ୍ୟ ରଖିଛି। ବଜେଟରେ ନୂତନ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆଗାମୀ ୫ ବର୍ଷ ମଧ୍ୟରେ ୨୦ଟି ନୂତନ ଜଳପଥ କାର୍ଯ୍ୟକ୍ଷମ କରିବା ପାଇଁ, ଓଡ଼ିଶାରେ ଜାତୀୟ ଜଳପଥ ୫ ସହିତ ଆରମ୍ଭ କରି ତାଳଚେର ଏବଂ ଅନୁଗୁଳର ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ କଳିଙ୍ଗନଗର ଭଳି ଶିଳ୍ପ କେନ୍ଦ୍ରଗୁଡ଼ିକୁ ପାରାଦୀପ ଏବଂ ଧାମରାବନ୍ଦର ସହିତ ସଂଯୋଗ କରିବା ପାଇଁ ଅନ୍ତର୍ଭୁକ୍ତ। ଆଭ୍ୟନ୍ତରୀଣ ଜଳପଥକୁ ସେବା ଯୋଗାଇ ଦେଉଥିବା ଏକ ଜାହାଜ ମରାମତି ଇକୋସିଷ୍ଟମ, ବାରାଣସୀ ଏବଂ ପାଟନାରେ ମଧ୍ୟ ସ୍ଥାପନ କରାଯିବ। ଏହି ପଦକ୍ଷେପଗୁଡ଼ିକ ଦେଶରେ ଏକ ଅଧିକ ସମନ୍ୱିତ, ସ୍ଥିର ଏବଂ ନିବେଶ-ଅନୁକୂଳ ଭିତ୍ତିଭୂମି ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି।

ମାଲ୍ୟବନ୍ତ ମହୋତ୍ସବ-୨୦୨୫, ପଲ୍ଲୀଶ୍ରୀ ମେଳା




୦୧ ଫେବୃଆରୀ-୦୫ ଫେବୃଆରୀ ୨୦୨୬
ସ୍ଥାନ :- ଡି ଏନ କେ, ଖେଳ ପଡିଆ, ମାଲକାନଗିରି (ଓଡ଼ିଶା)
CT & GST CIRCEL MALKANGIRI
(ଅର୍ଥ ବିଭାଗ, ଓଡିଶା ସରକାର ମାଲକାନଗିରି)
ବାଣିଜ୍ୟ କର ଏବଂ ବସ୍ତୁ ଓ ସେବାକର ମଣ୍ଡଳ, ମାଲକାନଗିରି ତରଫରୁ
ମାଲ୍ୟବନ୍ତ ମହୋତ୍ସବ-୨୦୨୫
ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।
ଜିଏସଟି କର ସମୟରେ ପୈଠ କରି ଅନାବଶ୍ୟକ ଜୋରିମାନାରୁ ବଞ୍ଚନ୍ତୁ







## ବଜେଟ୍ ଲୋକାଭିମୁଖୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୨(ନି.ପ୍ର.): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଜି ଉପସ୍ଥାପିତ 'କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭' କୁ ସ୍ୱାଗତ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ସେ ଲେଖିଛନ୍ତି, ଏହି ବଜେଟ୍ କେବଳ ଏକ ଆର୍ଥିକ ଦସ୍ତାବିଜ ନୁହେଁ, ବରଂ ବିକଶିତ ଭାରତ ଗଠନ ଦିଗରେ ଏକ ଦୂରଦର୍ଶୀ ରୋଡମ୍ୟାପ୍। ଏକ ସର୍ବସମାବେଶୀ ଅର୍ଥନୀତିର ପରିକଳ୍ପନା ସହ ଏହା ଯୁବପିଢ଼ିଙ୍କ ପାଇଁ ଅସରନ୍ତି ସୁଯୋଗ, କୃଷକଙ୍କ ପାଇଁ ସୁରକ୍ଷା କବଚ, ମଧ୍ୟବିତ୍ତଙ୍କ ପାଇଁ ଆଶ୍ୱସ୍ତି ଏବଂ ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନର ଏକ ନୂତନ ବାତାବରଣ ସୃଷ୍ଟି କରିଛି। 'ବିକାଶ ସହ ବିରାସତ' ମନ୍ତ୍ରକୁ ଆଧାର କରି ଏହି ବଜେଟ୍ ନବସୃଜନ, ଉତ୍ପାଦନ ଏବଂ ଜ୍ଞାନ ପରମ୍ପରା ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ରକ୍ଷା କରିବାରେ ସମର୍ଥ ହୋଇଛି। ଓଡ଼ିଶାର ପ୍ରଗତି ପାଇଁ ଏହି ବଜେଟ୍‌ରେ ସ୍ୱତନ୍ତ୍ର ଦୃଷ୍ଟିପାତ କରାଯାଇଛି, ଯାହା ରାଜ୍ୟର ଅର୍ଥନୈତିକ କାୟାକଳ୍ପରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ବିଶେଷ କରି 'ରେୟାର ଅର୍ଥ କରିଡର'ର ପ୍ରତିଷ୍ଠା ରାଜ୍ୟରେ ଖଣିଜ ପ୍ରକ୍ରିୟାକରଣ ଏବଂ ଉଚ୍ଚ-ବୈଷୟିକ ଶିଳ୍ପାୟନକୁ ନୂତନ ଗତି ପ୍ରଦାନ କରିବ। ଜାତୀୟ ଜଳପଥ-୫ର କାର୍ଯ୍ୟକାରିତା ଆମର ଶିଳ୍ପାଞ୍ଚଳ ଏବଂ ବନ୍ଦର ମଧ୍ୟରେ ସଂଯୋଗୀକରଣକୁ ସହଜ କରି ଏକ ସୁଲଭ ଓ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଗଠନ କରିବ, ଯାହାଫଳରେ ସ୍ଥାନୀୟ ଯୁବକମାନେ ବ୍ୟାପକ ନିଯୁକ୍ତି ଓ ତାଲିମ ସୁଯୋଗ ପାଇପାରିବେ। ଏଥିସହ ପୂର୍ବଘାଟର ଜୈବ ବିବିଧତାକୁ ପାଥେୟ କରି 'ଟର୍ଟଲ ଟ୍ରେଲ୍' ଏବଂ ପର୍ବତାରୋହଣ ଭିତ୍ତିକ ପର୍ଯ୍ୟଟନ ପଦକ୍ଷେପ ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ ଭାବେ ଉଭା କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସାମାଜିକ ନ୍ୟାୟ ଏବଂ ସମନ୍ୱିତ ବିକାଶର ଏହି ମହାଯଜ୍ଞରେ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ଦିଆଯାଇଥିବା ଗୁରୁତ୍ୱ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ଆହୁରି ସୁଦୃଢ଼ କରିବ। ସୁଶାସନ ଓ ସ୍ଥାୟୀ ପ୍ରଗତିର ଏହି ସମନ୍ୱିତ ପ୍ରୟାସ ପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି ଏବଂ ଏହି ଜନକଲ୍ୟାଣକାରୀ ବଜେଟ୍ ପାଇଁ ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି।

ସୋମବାର, ୦୨ ଫେବୃଆରୀ, ୨୦୨୬ ଭୁବନେଶ୍ୱର
MONDAY, 02 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଇରାନର ପ୍ରତି- ଆକ୍ରମଣ ଭୟରେ ଟ୍ରମ୍ପ

ଆମେରିକା ପ୍ରଥମ,ବିଶ୍ୱର ଶ୍ରେଷ୍ଠ ଶକ୍ତି ଓ ଅଧିକ ମଜବୁତ ହେବ ଡଲାର ଓ ଆତ୍ମନିର୍ଭରଶୀଳ ହେବ ଓ ଆମଦାନୀ ଉପରେ ବିଶେଷ ନିର୍ଭରଶୀଳ ହେବ ନାହିଁ ।ଉତ୍ପାଦନ ବଢାଇବ ଆମେରିକା । ଏପରି ଏଜେଣ୍ଡା ନେଇ ଦ୍ୱିତୀୟ ଥର ଐତିହାସିକ ବିଜୟ ହାସଲ ପରେ ଉଦଘୋଷଣା କଲେ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଓ ଭାରତ - ପାକିସ୍ତାନ ଯୁଦ୍ଧ ବିରତି ଘୋଷଣା କରିଛନ୍ତି ବୋଲି ବହୁବାର ପ୍ରଚାର କଲେ । ରୁଷ - ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇ ଶାନ୍ତିର ଦୂତ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନୋବେଲ ପୁରସ୍କାର ପାଇବା ପାଇଁ ଆଶା ବାନ୍ଧି ନିରାଶ ହେଲେ । ଭାରତ ସମେତ ଅଧିକାଂଶ ରାଷ୍ଟ୍ର ଉପରେ ଅତିରିକ୍ତ ଟାରିଫ ଘୋଷଣା କରି ଆମେରିକା ଅର୍ଥନୀତିକୁ ଅଧିକ ଶକ୍ତିଶାଳୀ କରିବାର ଉଦ୍ୟମ କରିଛନ୍ତି ଟ୍ରମ୍ପ । ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିବା ପାଇଁ ଚାପ ପକାଇ ସଫଳ ହେଲେ ଟ୍ରମ୍ପ । କିନ୍ତୁ ଆମେରିକାର ତୈଳ ଭଣ୍ଡାର ବୃଦ୍ଧି କରି ସମଗ୍ର ବିଶ୍ୱକୁ ରପ୍ତାନୀ କରିବା ଲକ୍ଷ୍ୟ ନେଇ ଟ୍ରମ୍ପ ଭେନେଜୁଏଲା ଉପରେ ଯେପରି ଅତର୍କିତ ଆକ୍ରମଣ କଲେ, ବିଶ୍ୱ ସମୁଦାୟ ଟ୍ରମ୍ପଙ୍କ ଏପରି ଏକଛତ୍ରବାଦୀ ଅଭିମୁଖ୍ୟକୁ ନିନ୍ଦା କଲେ । ଭେନେଜୁଏଲା ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ ରାଷ୍ଟ୍ରପତି ଭବନରୁ ଉଠାଇ ନେଇ ଆମେରିକାରେ ବନ୍ଦୀ କରିବା ଘଟଣାରେ ଟ୍ରମ୍ପଙ୍କ ସାମରିକ କାର୍ଯ୍ୟକଳାପକୁ ଆମେରିକବାସୀ ମଧ୍ୟ ନାପସନ୍ଦ କଲେ । ସେହିପରି ମଧ୍ୟ ଏସିଆରେ ଆମେରିକାର ଦବଦବା ପାଇଁ ଇରାନର ସୁପ୍ରିମୋ ତଥା ଧର୍ମଗୁରୁ, ଆୟତୋଲ୍ଲା ଖୋମେନେଇଙ୍କୁ ଗାଦିଚ୍ୟୁତ କରିବା ପାଇଁ ଟ୍ରମ୍ପଙ୍କ ସାମରିକ ଅଭିଯାନ ବୁମେରାଙ୍ଗ ସଦୃଶ ହେଲା ଓ ଇସ୍ରାଏଲର ସହଯୋଗରେ ଆମେରିକାର ଏପରି ଅପରିଣାମଦର୍ଶୀ କାର୍ଯ୍ୟକଳାପର କଡ଼ା ଜବାବ ଦେଲେ ଖୋମେନେଇ ଓ ଆମେରିକା ନିଜ ଦେଶର ସମସ୍ୟା ପ୍ରତି ଧ୍ୟାନ ଦେଉ, ଇରାନକୁ ଲାଲ ଆଖି ଦେଖାଇଲେ,ମଧ୍ୟ - ପ୍ରାଚ୍ୟ ଦେଶଗୁଡ଼ିକରେ ରହିଥିବା ଆମେରିକାର ବିମାନ ଘାଟିକୁ ଟାର୍ଗେଟ କରି ଉଡାଇଦେବ ବୋଲି ଇରାନ ଧମକ ଦେବା ପରେ ଚାରିପାଦ ଆଗେଇ ଯାଇଥିବା ଟ୍ରମ୍ପ ଦୁଇ ପାଦ ପଛକୁ ଫେରି ଆସିଛନ୍ତି । ନିଜ ଜୀବନ ଉପରେ ଭୟ ରହିଥିବା ଆଶଙ୍କାରେ ଅଛନ୍ତି ଟ୍ରମ୍ପ ଓ ଆଗକୁ ତରବରିଆ ନିଷ୍ପତ୍ତି ନେଇ ଆମେରିକାର ଉନ୍ନତି ପରିବର୍ତ୍ତେ ? ଅବନତିକୁ ଡାକି ଆଣିବା ଭଳି କାର୍ଯ୍ୟକଳାପରୁ ଟ୍ରମ୍ପ ନିବୃତ୍ତ ରହିବେ ବୋଲି ଆଶା କରାଯାଏ । ନାଟୋ ଦେଶଗୁଡ଼ିକ ଟ୍ରମ୍ପଙ୍କ ବେଖାତିର ନୀତି ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରୁ ଆମେରିକାକୁ ବାହାର କରିନେବା ଟ୍ରମ୍ପଙ୍କ ବିବାଦୀୟ ନିଷ୍ପତ୍ତି କୁହାଯାଇପାରେ । କିନ୍ତୁ ଏହା ସତ ପ୍ରାମାଣିତ ହୋଇଛି ଯେ, ଇରାନର ଧମକ ଟ୍ରମ୍ପଙ୍କ ଯୁଦ୍ଧଖୋର ଚିନ୍ତାଧାରା ଉପରେ ରୋକ ଲଗାଇବାରେ ସଫଳ ହୋଇଛି ଓ କିଛି ଦିନ ପୂର୍ବରୁ ଦରଦାମ ବୃଦ୍ଧି, ମୁଦ୍ରାସ୍ଫିତୀ, ବେରୋଜଗାରୀ ନେଇ ଇରାନବାସୀ ରାଜରାସ୍ତାକୁ ଓଲ୍ହାଇଥିଲେ ଓ ଇରାନ ପ୍ରଶାସନ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଇରାନ ଅର୍ଦ୍ଧ ସାମରିକ ବାହିନୀ ବିଦ୍ରୋହୀଙ୍କ ଉପରେ ଗୁଳି ଚାଳନା କରିଥିଲା ଯାହାଫଳରେ ଶତାଧିକ ପ୍ରାଣ ହରାଇଥିଲେ ଓ ଗୁଳିଚାଳନା ବନ୍ଦ ନକଲେ, ଆମେରିକା ହସ୍ତକ୍ଷେପ କରିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ ଓ ଅନ୍ୟପକ୍ଷରେ ଇସ୍ରାଏଲର ଗୋଇନ୍ଦା ସଂସ୍ଥା,ମୋସାଦ ଓ ଆମେରିକାର ସିଆଇଏ ବିଦ୍ରୋହୀନଙ୍କୁ ଉତ୍ସାହିତ କରୁଛି ବୋଲି ପାଲଟା ଅଭିଯୋଗ କରିଥିଲା ଇରାନ । ଇରାନର ଆଭ୍ୟନ୍ତରୀଣ ମାମଲାରେ ଆମେରିକା ଓ ଇସ୍ରାଏଲ ଦଖଲ ବରଦାସ୍ତ କରାଯିବ ନାହିଁ ବୋଲି ରୋକଠୋକ ଭାବରେ ଜଣାଇଦେଇଥିଲା ଇରାନ । ପୂର୍ବରୁ ଇସ୍ରାଏଲ ଓ ଆମେରିକାର ଯୋଜନାବଦ୍ଧ ଆକ୍ରମଣରେ ଇରାନର କେତେଜଣ ବିଶିଷ୍ଟ ବୈଜ୍ଞାନିକ ଓ ସେନାଧିକାରୀ ନିହତ ହୋଇଥିଲେ । ଇରାନ ଏହାର କଡ଼ା ଜବାବ ଦେଇଥିଲା ଓ ଆମେରିକା ଚାହେଁ ଇରାନରୁ ଏକାଚାଟିଆ ତୈଳ କାରବାର କରିବା ଓ ଇରାନକୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବା ମଧ୍ୟ ଆମେରିକାର ଲକ୍ଷ୍ୟ ଓ କିନ୍ତୁ ଉଭୟ କ୍ଷେତ୍ରରେ ଚୀନ ଓ ରୁଷର ଆଧିପତ୍ୟ ରହିଛି । ଆମେରିକା ଏହାକୁ ବରଦାସ୍ତ କରିପାରୁନି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେରିକା ତା'ର ବ୍ୟବସାୟିକ ସ୍ୱାର୍ଥ୍ୟ ପାଇଁ ଯୁଦ୍ଧ କରିବା ଦରକାର ଓ ଟ୍ରମ୍ପ ଏହା ବୁଝିବାର ଆବଶ୍ୟକତା ରହିଛି ଓ ଇରାନ ସହିତ ଯୁଦ୍ଧ ହେଲେ,ଉଭୟ ଆମେରିକା ଓ ଇସ୍ରାଏଲର ପ୍ରଭୂତ କ୍ଷତି ହୋଇଯିବ ।ନିଜର ଅର୍ଥନୀତିକୁ ସୁଧାରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରୁଥିବା ଟ୍ରମ୍ପ ଏପରି ନିଷ୍ପତ୍ତି ନେବେ ନାହିଁ ଓ ଯାହା ବି ଘଟିଯାଇଛି, ତାହା ଆମେରିକାର ଧମକ ଥିଲା । କିନ୍ତୁ ଇରାନର କଡ଼ା ଚେତାବନୀ ଶୁଣିବା ପରେ ଟ୍ରମ୍ପଙ୍କୁ ଇରାନ ଭୟ ଘାରିଛି ବୋଲି ନିଃସନ୍ଦେହରେ କୁହାଯାଇପାରେ । ତଥାପି ଆମେରିକା ଇରାନ ଉପରେ ଆକ୍ରମଣ କରିବାକୁ ସମସ୍ତ ପ୍ରସ୍ତୁତି ଚଳାଇଛି ଓ ସାଉଦି ଅରବିଆ ସହିତ ଅନ୍ୟାନ୍ୟ ମଧ୍ୟ-ପ୍ରାଚ୍ୟ ରାଷ୍ଟ୍ର ଟ୍ରମ୍ପଙ୍କୁ ଯୁଦ୍ଧରୁ ବିରତ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ବ୍ରିଟେନ ମଧ୍ୟ ପଛଘୁଞ୍ଚା ଦେଇଛି ଓ କଲମ୍ବିଆ,କାନାଡ଼ା, ତୁର୍କୀ,ଲେବାନନ ମଧ୍ୟ ଆମେରିକାର କୌଣସି ଯୁଦ୍ଧଖୋର ମନୋଭାବକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି । ଚତୁର ଇସ୍ରାଏଲ ମଧ୍ୟ ଆମେକାକୁ ସମର୍ଥନ କରିବା ସମ୍ଭାବନା ଦେଖାଯାଉନାହିଁ । ଏପରି ପରିପ୍ରେକ୍ଷୀରେ ଆମେରିକାର ପ୍ରସ୍ତୁତି ଇରାନର ସାମରିକ ସଜବାଜକୁ ଲକ୍ଷ୍ୟ କରି ଡ଼ର ପାଇଁ ପ୍ରସ୍ତୁତ ରହିବାର ଏକ ସାମରିକ କୌଶଳ ବୋଲି କୁହାଯାଇପାରେ । ଆମେରିକାର ସବୁଠାରୁ ଶକ୍ତିଶାଳୀ ବିରାଟକାୟ ଯୁଦ୍ଧ ଜାହାଜ ଇରାନର ନିକଟବର୍ତ୍ତୀ ହେଇଥିଲେ ମଧ୍ୟ ଇରାନ ଉପରେ ଆକ୍ରମଣ ନିଷ୍ପତ୍ତି ନେବାରେ ଟ୍ରମ୍ପ ପଛଘୁଞ୍ଚା ଦେଇଛନ୍ତି ଓ ଇରାନର ପ୍ରତି-ଆକ୍ରମଣ ଭୟରେ ଟ୍ରମ୍ପ ଚାରି ପାଦ ଆଗକୁ ଯାଇ ଦୁଇ ପାଦ ପଛକୁ ଫେରୁଛନ୍ତି ।

# ହିଲିଓଫାଇଲ

## ପ୍ରଫେସର ଡାକ୍ତର ସମ୍ରାଟ କର

ପୃଥିବୀରେ ବାସ କରୁଥିବା ପ୍ରତି ମଣିଷଙ୍କର ପସନ୍ଦ ଭିନ୍ନ ହୋଇଥାଏ । କିଏ ଜହ୍ନ ଦେଖି ଆମୋଦିତ ହୁଏ ତ କାହାକୁ ଜୋଛନା ଆତ୍ମ ସନ୍ତୋଷ ପ୍ରଦାନ କରେ । କାହାକୁ ରାତ୍ରିର ଅମା ଅନ୍ଧାର ଭଲ ଲାଗେ ତ କିଏ ସୂର୍ଯ୍ୟ ଆଲୋକ ଦେଖି ଖୁସି ହୁଏ । ତେବେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକକୁ ଅଧିକ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ । ହିଲିଓ ଶବ୍ଦଟି ଗ୍ରୀକ ଶବ୍ଦ ହିଲିଅସରୁ ଆସିଛି । ହିଲିଅସର ଅର୍ଥ ସୂର୍ଯ୍ୟ । ସୂର୍ଯ୍ୟଙ୍କ ମଧ୍ୟରେ ହିଲିୟମ ଗ୍ୟାସ ଭରି ରହିଥିବାରୁ ଗ୍ରୀକ ଭାଷାରେ ସୂର୍ଯ୍ୟଙ୍କୁ ହିଲିଅସ କୁହାଯାଏ । ଅନୁରୂପ ଭାବରେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକ ପ୍ରତି ମାତ୍ରାଧିକ ଆସକ୍ତି ଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ । ସୌର ରଶ୍ମି ପ୍ରାୟ ସମସ୍ତଙ୍କୁ ବିରକ୍ତ କରିଥାଏ । ଟିକେ ଟାଣ ଖରା ହେଲେ ଅନେକ ଘରୁ ବାହାରକୁ ବାହାରିବା ପାଇଁ ପସନ୍ଦ କରନ୍ତି ନାହିଁ । ଏପରିକି ଅନେକ ବ୍ୟକ୍ତି କ୍ଷିପ୍ର ସୌର ରଶ୍ମି ସଂସର୍ଶରେ ଆସିଲେ ସେମାନଙ୍କର ଆଲର୍ଜି ହେବା ସହ ଶରୀର ଲାଲ ପଡ଼ିଯାଏ । କିନ୍ତୁ ହିଲିଓଫାଇଲ ବ୍ୟକ୍ତିମାନେ ଠିକ ଏହାର ବିପରୀତ ହୋଇଥାନ୍ତି । ହିଲିଓଫାଇଲ ବ୍ୟକ୍ତିମାନଙ୍କୁ ପ୍ରାକୃତିକ ଭାବେ ସୌର ରଶ୍ମି ଆକର୍ଷିତ କରେ । ଏହି ବ୍ୟକ୍ତିମାନେ ସୂର୍ଯ୍ୟ କିରଣକୁ ଉପଭୋଗ କରିଥାନ୍ତି ଓ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବାକୁ ପସନ୍ଦ କରନ୍ତି । କୋଇ ମିଲ ଗୟା ସିନେମାର ଯାଦୁ ପରି ଏମାନେ ସୂର୍ଯ୍ୟ ଆଲୋକରୁ ଏକ ଅଦ୍ଭୁତ ସକାରାତ୍ମକ ଶକ୍ତି ପାଉଥିବା ଭଳି ଅନୁଭବ କରନ୍ତି । ଏପରିକି ଏମାନଙ୍କ ମାନସିକ ଶାନ୍ତି ଓ ଖୁସି ମଧ୍ୟ ସୂର୍ଯ୍ୟ ଆଲୋକ ଉପରେ ନିର୍ଭର କରିଥାଏ । ସୂର୍ଯ୍ୟଙ୍କ ଉପରେ ବାଦଲ ଆଚ୍ଛାଦିତ ହୋଇଗଲେ ବା ମେଘୁଆ ଦିନ ମାନଙ୍କରେ ଏମାନଙ୍କୁ ମାନ୍ଦା ଲାଗିଥାଏ । ନିର୍ମଳ ଆକାଶ ଓ ସ୍ୱଚ୍ଛ ଭାବେ ସୂର୍ଯ୍ୟାଲୋକ ପହଞ୍ଚୁଥିବା ଦିନଗୁଡ଼ିକୁ ହିଲିଓଫାଇଲ ବ୍ୟକ୍ତିମାନେ ଉପଭୋଗ କରିଥାନ୍ତି । ବୈଜ୍ଞାନିକ ମାନଙ୍କ କହିବା ଅନୁସାରେ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବା ଦ୍ୱାରା ଆମ ଶରୀରରେ ସେରୋଟୋନିନ ନାମକ ଏକ ହରମୋନ କ୍ଷରଣ ହୁଏ ଯାହା ଆମକୁ ଖୁସି ରଖିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ପ୍ରତିଦିନ ସୂର୍ଯ୍ୟ ଆଲୋକରେ ପନ୍ଦର ମିନିଟ ସମୟ ବିତାଇବା ଦ୍ୱାରା ଶରୀରରୁ ଭିଟାମିନ-ଡିର ଅଭାବ ମଧ୍ୟ ଦୂର ହୋଇଥାଏ । ଏହି ଚେତନାକୁ ଗ୍ରହଣ କରିଥିବା ଯେ କେହିଙ୍କୁ କେବଳ କ୍ଷଣସ୍ଥାୟୀ ନୁହେଁ ଦୀର୍ଘସ୍ଥାୟୀ ଆନନ୍ଦ ମଧ୍ୟ ମିଳିଥାଏ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# କଳଗାଉଣା

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୋ ଏ ଲେଖା, ବର୍ତ୍ତମାନ ପିଢ଼ିର ପିଲାଙ୍କ ବିଶ୍ୱାସ ହେବା ସହଜ ନୁହେଁ । ପାଠ ପଢ଼ାରେ ଜ୍ଞାନଦାସ, ଗୌରାଙ୍ଗ ଦାସ, ଏ ପିଲମାନେ କଣ ଜାଣନ୍ତି ନାହିଁ, କାନ ଧରିକି ବସଉଠ ହେବା ଏକ ଗୋଡିଆ ଠିଆ ହେବା, ଆଣ୍ଠେଇବା, ଉପରକୁ ଦି ହାତ ଟେକି ଠିଆ ହେବା ମାହାଳଗଛ ପତ୍ର ଡେମ୍ଫ ଛାଟ ପ୍ରହାର ବେତ ପ୍ରହାର, ହସ୍ତାକ୍ଷର ଲେଖା ବ୍ୟତିକ୍ରମରେ ହାତର ଦୁଇ ଆଙ୍ଗୁଳି ମଧ୍ୟରେ ପେନସିଲ ରଖି ଚାପଦେବା ଭୟ ଦେଖାଇବା ଦଣ୍ଡ କେମିତିକା ଥିଲା ଏହା କଳ୍ପନାର ବିଷୟ । ଏସବୁ ଜ୍ଞାନଦାସ, ଗୌରାଙ୍ଗ ଦାସ, ଏମାନେ ବ୍ୟକ୍ତି ନୁହଁନ୍ତି, ହେଲେ ଥିଲେ ବିଦ୍ୟା ଅର୍ଜନ ପାଇଁ ପଥ ପରିଷ୍କାରକ, ଭ୍ରାନ୍ତି ସଂସ୍କାରକ । ଏବେ ସରୁ ବେତରୁ ପିଲା ତ୍ରାହି ମାତ୍ର ବିଦ୍ୟା ଶିକ୍ଷା ଶେଷ ପରେ ପୁଲିଶ ଥାନା କର୍ତ୍ତୃପକ୍ଷଙ୍କ ମୋଟା ବେତ ଠେଙ୍ଗାମାଡ଼ ଠାରୁ ତ୍ରାହି ପୁଣି କଚେରୀରେ ଗୋଡ଼ ଭାଙ୍ଗି ଠିଆ ହେବା ଅନେକଙ୍କୁ ବାଦ ପଡୁନାହିଁ । ସେ ଦଣ୍ଡ ଗୁଡ଼ାକ ଅବାନ୍ତର ବୋଲି ଅନେକ ବୟାନ କଲେ ମାତ୍ର ଏକ ଝିଅ ଏକ ପୁଅ ଏକ ପେନସିଲରେ ଭାରସାମ୍ୟ ଖେଳ ଖେଳିବା ହୁଏତ ସମ୍ପୂର୍ଣ୍ଣ ଠିକ ଏପରି ଲୋଗୋ ବହୁ ବିଦ୍ୟାଳୟରେ ସ୍ଥାନିତ ହୋଇଛି । ଲେଖା ହୋଇଛି ଦଣ୍ଡମୁକ୍ତ ସ୍ଥାନ, ଏଠି ଛାତ୍ରଛାତ୍ରୀ ଦଣ୍ଡ ମୁକ୍ତ ନା ଗାର୍ଡ଼ିଆନ ଦଣ୍ଡ ମୁକ୍ତ ନା ଶିକ୍ଷୟିତ୍ରୀ, ଶିକ୍ଷକ ଦଣ୍ଡ ମୁକ୍ତ କିଏ ? ଆମେ ପିଲା ବେଳେ ପଢ଼ିଥିଲୁ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ନେହେରୁ ତାଙ୍କ ପିଲା କାଳରେ ବିଲାତର 'ହାରୋ'ରେ ଅଧ୍ୟୟନ କରୁଥିଲେ ଇଂଲିଶ ମିଡ଼ିୟମ ବିଦ୍ୟାଳୟରେ, ସେତେବେଳେ ବିଦେଶୀ ପ୍ରଶାସନ ଆମ ଦେଶରେ ଚାଲୁଥିଲା । ପ୍ରଶାସନ ପାଇଁ ଅନେକ କର୍ମଚାରୀ ସର୍ବଦା ଆବଶ୍ୟକ ଏଥିପାଇଁ କୌଶଳୀ ଗୋରା ବାବୁମାନେ ମାଛ ତେଲରେ ମାଛ ଭାଜିବା ପାଇଁ ବହୁ କିରାଣୀ ଅଧସ୍ତନ ପୋଲିସ ସିପାହୀ ଚାକିରୀ ପଦବୀରେ ଏ ଦେଶୀୟ ଲୋକଙ୍କୁ ଇଂଲିଶରେ ସଂକ୍ଷିପ୍ତରେ ଇଂଲିଶରେ ପାଠ ପଢ଼ାଇବା ପରେ ତୁରନ୍ତ ଚାକିରୀରେ ମୁତୟନ ବ୍ୟବସ୍ଥା କରିଥିଲେ ।

ଏ ଚାକିରୀ ପାଇଁ ଏହା ପୂର୍ବରୁ ଏତେ ନିଶା ନଥିଲା । ସ୍ୱଦେଶୀ ପ୍ରଶାସନ ଆସିବାକୁ ଯେଉଁମାନେ ସ୍ୱାଧୀନତାରେ ବଡ଼ ନେତା ଉଦ୍ୟୋଗୀ ସେମାନେ ସମସ୍ତେ ଇଂଲିଶ ପଢୁଆ ଏପରିକି ଲଣ୍ଡନ ଫେରନ୍ତା । ଭାରତୀୟ ପ୍ରାକ ସଂସ୍କୃତିରେ ସେମାନେ ତତ୍କାଳ ବିଶେଷ ଅଧ୍ୟୟନରତ ରହି ସ୍ୱଦେଶୀ ଚିନ୍ତାକୁ ପ୍ରାଧାନ୍ୟ ଦେବାକୁ ଚାହିଁ ତାହାକୁ ଏଜେଣ୍ଡା କରି ଦେଶର ଲୋକଙ୍କ ମନକୁ ଆକୃଷ୍ଟ କରି ବ୍ରିଟିଶ ହଟାଇଥିଲେ । ତତ୍କାଳ ଆଇ.ସି.ଏସ ପରି ରାଜଧିରାଜ ପଦବୀ ହାସଲ କରିବି ତାକୁ ହେୟଜ୍ଞାନ କରିବା ଅନେକ ନାମକରା ମହାନ ବ୍ୟକ୍ତି ଥିଲେ । ଅନେକ 'ରାୟବାହାଦୁର' ରାଜ ଉପାଧି ପରି ପଦବୀକୁ ଚାହିଁ ନଥିଲେ । ଏତ ଗଲାବଡ଼ ବଡ଼ ମଣିଷଙ୍କ ତ୍ୟାଗ, ବହୁ ମଣିଷ ଖ୍ରୀଷ୍ଟିଆନ ସମ୍ବନ୍ଧ ଖ୍ରୀଷ୍ଟାବ୍ଦକୁ ତ୍ୟାଗକାର ଦେଶୀୟ ରାଜାଙ୍କର ଅଙ୍କ ରାଜା ବିକ୍ରମଙ୍କ ସମ୍ବତ, ରାଜା ଶାଳିବାହାନଙ୍କ ଶକାବ୍ଦକୁ ପ୍ରାଧାନ୍ୟ ଓ ସନ ସାଲ ଗଣନାକୁ ଭାଦ୍ରମାସ ଶୁକ୍ଲ ୧୨ଶୀ ସୁନିଆଁ ଠାରୁ ଆଗକୁ ଗଣନା ବଢ଼ାଇ ଚାଲୁ ରଖିଛନ୍ତି । ଠିକ ଯେଉଁଦିନ ସନ ସାଲ ଆରମ୍ଭ ଯେଉଁ ଗଜପତି ଆସୀନ ଥିବେ ତାଙ୍କର ନାମରେ ଅଙ୍କ ଜାହିର କରି ସମୟ ନାମିତ କରୁଥିଲେ । ଏ ହିନ୍ଦୁତ୍ୱ ସନାତନୀ ପଦ୍ଧତି । ଓଡ଼ିଶାର ଜ୍ୟୋତିଷ ଗଣକମାନେ ତାଳପାତ୍ରରେ ଶିଶୁ ମାନଙ୍କର ଜନ୍ମ ଜାତକରେ ଏ ସବୁ ଲିପିବଦ୍ଧ କରୁଥିଲେ । ଏହା ଏକ ପ୍ରକାର ହିନ୍ଦୁତ୍ୱ ମାନର ପ୍ରଚାର ପ୍ରସାର ଥିଲା । ଓଡ଼ିଆ ଜାତିର ସମ୍ମାନ ଗଜପତି ମହାରାଜଙ୍କ ଅତୀତ କୀର୍ତ୍ତି ସହ ଲେଖା ଶିଶୁ ମାନଙ୍କ ଜାତକ ଏକ ଉତ୍ସାହର ସ୍ୱପ୍ନ ସୃଷ୍ଟି କରୁଥିଲା । ଏମିତି ପୁଣି ସମୟ ଆସିଲା ହ୍ୟାପି ନିଉ ଇଅର ଖ୍ରୀଷ୍ଟାବ୍ଦ ଅନୁସାରେ ତାର ଆରମ୍ଭ ଦିନ ଏ ଦେଶ ସାରା ପାଳନ ହେଉଛି । ଚୈତ୍ର ଶୁକ୍ଳ ପ୍ରତିପଦକୁ ସମ୍ବତ ଆରମ୍ଭ, ପଣା ସଂକ୍ରାନ୍ତିକୁ ଶକାବ୍ଦ ଆରମ୍ଭ, ସୁନିଆଁକୁ ସାଲଆରମ୍ଭକୁ କେହି ସେହି ଶୁଭ ନବ ବର୍ଷର ଆନନ୍ଦ ପାଳୁନାହାଁନ୍ତି, ଯଥାର୍ଥରେ ବ୍ରିଟିଶ ଜାତିର ଉଦଘୋଷି ତାଙ୍କ ଅଧିକାର ଭୂମିରୁ ସୂର୍ଯ୍ୟ ଅସ୍ତ ଯାଆନ୍ତି ନାହିଁ, ଆଉ ସବୁ ରାସ୍ତା 'ରୋମ' ନଗରୀ, ଭଟିକାନ ସିଟିକୁ ପଡ଼ିଛି । ଏହାର ମାନ୍ୟତା ସଂସାର ମୁଣ୍ଡପାତି ମାନି ନେଉଛି ।

ଆଧୁନିକ କମ୍ପ୍ୟୁଟର ପ୍ରୋଗ୍ରାମରମାନେ ଜାତକ ପ୍ରସ୍ତୁତରେ ଇଂଲିଶ ଚଳଣୀର ସମୟ, ତାରିଖ ଲେଖିବା ଧାରା ଲଗାଇ ବାଣିଜ୍ୟ ଚାଲୁ ରଖିଛନ୍ତି । ହିନ୍ଦୁ ମାନ୍ୟତାକୁ ସଂକୁଚିତ ସଦା କରାଯାଉଛି । ଆମ ରାଜ୍ୟ ପାଖ ବଙ୍ଗ ରାଜ୍ୟରେ, ବଙ୍ଗାବ୍ଦ, ସୌରମାସ, ମାସର ଦିନ, ଏପରି କ୍ରମରେ ନବଜାତକର ଜନ୍ମ ସମୟର ବିବରଣୀ ତତ ଦିବସର ସୂର୍ଯ୍ୟୋଦୟରୁ ଘଟି (ଦଣ୍ଡ) ପଳ (ଲିତା) ବିପଳ (ବିଲିତା) ଲେଖି ବଙ୍ଗୀୟ ଜାତୀୟତା ଓ ହିନ୍ଦୁ ମାନ୍ୟତା ରକ୍ଷା କରୁଛନ୍ତି ତାଙ୍କର ପହିଲା ବୈଶାଖ ଧୂମଧାମର ସହ ନବ ବର୍ଷ ପାଳନ ହେଉଛି, ଅଥଚ ଓଡ଼ିଶାରେ ପଣା ସଂକ୍ରାନ୍ତିକୁ ନୂଆ ପାଞ୍ଜି ଜାହିର ହେଲେ ବି ଏପରି ଧୁମଧାମର ପର୍ବ ପାଳନ ନାହିଁ । ଅନେକ ବର୍ଷ ପୂର୍ବରୁ ପଥଚାରୀ ମାନଙ୍କୁ ଖରାଦିନେ ପଣା ସଂକ୍ରାନ୍ତି ଦିନରୁ ରାସ୍ତାରେ ବିଭିନ୍ନ ସ୍ଥାନରେ ଅଭଡ଼ା ପାଣିର ଜଳଛତ୍ର ଦିଆଯାଉଥିଲା । ଏମିତି ସମୟ ଆସିଲା ବୋତଲ ଜଳ, ପାକେଟ ଜଳ, ଲୋକେ ବିକ୍ରି କଲେ, ଲୋକେ ତାକୁ ବହୁବିଶ୍ୱାସରେ କିଣି ପିଉଛନ୍ତି । ହଁ ଜଳ ଗାଉଣା ଗ୍ରାମଫୋନ, ଯହିଁରେ ଗୋଲ ଲାଖ ରେକର୍ଡ଼କୁ ଘୁରାଇ ଏକ ଅଭ୍ର ଗୁଛ ପେଟିକା ସହ ମୁନିଆଁ କଣ୍ଟା ସଂଯୋଗ ରଖି ରେକର୍ଡ଼ରେ ଚଳାଇଲେ ସେଥିରେ ରେକର୍ଡ଼ କରାଯାଇଥିବା ଗୀତ ଶୁଣା ଯାଉଥିଲା । ଏହାର ରେକର୍ଡ଼ରେ 'ହଜି ମାଷ୍ଟର୍ସ ଭଏସ' ଲେଖା ରହିଥିଲା । କୁକୁରଟିଏ ଗ୍ରାମଫୋନରେ ତାର ପ୍ରଭୁ ଏଡ଼ିସନ ସାହେବଙ୍କ କୃତିକୁ ଲୋକରେ ତାରିଫ ଜଣାଇବା ପାଇଁ ଲୋଗୋରେ ଥିଲା । ତତ୍କାଳ ଏହା ଲୋକଙ୍କୁ ତାଜୁବ ଲାଗୁଥିଲା । ସଂକେତ ଭାଷା ମୋର୍ସ କୋର୍ଡ଼ ଟରେଟକାରେ ଦୂରବାର୍ତ୍ତା ପ୍ରେରଣ ପାଇଁ ଉପାୟ ବାହାରିଲା, ଆକାଶବାଣୀ ଠିକ ଏପରି ପ୍ରସାର ଆରମ୍ଭ କଲାବେଳକୁ ଲୋକଙ୍କୁ କୋଟିନିଧି ପାଇଲା ପରି ଲାଗୁଥିଲା । ଗାଁକୁ ଇଲେକ୍ଟ୍ରିକ ସଂଯୋଗ ଏହାବି ବହୁ ଆନନ୍ଦ ଦେଇଥିଲା ।

ଟେଲିଫୋନ ଧନୀଙ୍କ ଦୂତ କାମ କରୁଥିଲା ଲୋକେ ତାକୁ ସମ୍ଭ୍ରାନ୍ତ ବ୍ୟବହାର୍ଯ୍ୟ ବୋଲି ଭାବୁଥିଲେ । ଟ୍ରଙ୍କ କଲଟେଲିଫୋନ ବହୁ ଦୂରାନ୍ତ ଯୋଗାଯୋଗର ଉତ୍ସ ହୋଇଥିଲା । ଲାଣ୍ଡ ଫୋନରେ ପୁଣି ଏକ ବିପ୍ଳବ ହେଲା ଏହା ସରଳରେ ଯେ ଚାହିଁଲେ ସେ ନେଇପାରିଲେ ଏକ ଆବଦ୍ଧ କୋଠରୀରେ ରହି ଦୂରାନ୍ତ ଟେଲିଫୋନରେ ଯୋଗାଯୋଗ ହେଲା । ପେଜର ବାହାରି ଟେଲିଗ୍ରାମ ଧାରା ଟରେଟକାସଂକେତ ଭାଷା ବଦଳାଇଦେଲା, ପୋଲିସ, ମିଲିଟାରୀଙ୍କ ପାଇଁ ଜରୁରୀ ବାର୍ତ୍ତା ସାର୍ବଜନୀନ ଭାଷା ପ୍ରୟୋଗ ହୁଏନାହିଁ, ସବୁ ଦେଶର ମିଲିଟାରୀ ପ୍ରୟୋଗ ଭାଷା ଅଲଗା ଅଲଗା । ଆହୁରିଟିକେ ଆଗକୁ ଗଲେ ଏକ ଦେଶର ଗୁପ୍ତ ଭାଷା ଅନ୍ୟ ଦେଶ ବା ଶତ୍ରୁ ଦେଶ ନଜାଣିବା ପାଇଁ ଭାଷାବିତମାନେ ମାୟାର ଆଶ୍ରୟ ନେଇ ଗୋଲକଧନ୍ଦାରେ ଶତ୍ରୁକୁ ପକାନ୍ତି । ଭାଷା ଦି ଚୋଡ଼ିଙ୍ଗ ଆଶ୍ରୟରେ ଅନ୍ୟ ଦେଶର ଗୁପ୍ତ ତଥ୍ୟକୁ ଜାଣିବା ଚେଷ୍ଟା ସବୁଦେଶ କରନ୍ତି, ପୋଲିସ ହେଡ଼କ୍ୱାଟରରୁ ଭିନ୍ନ ଭିନ୍ନ ଥାନା ଓ ଭ୍ରାମ୍ୟମାନ ପୋଲିସ ବାବୁ ମାନଙ୍କୁ ନିର୍ଦ୍ଦେଶ ସେପରି ସାର୍ବଜନୀନ ଭାଷାରୁ ଭିନ୍ନ ଭାଷାରେ ଯୋଗାଯୋଗ ହେଉଛି । ଆଜି ମୋବାଇଲ ଫୋନରେ ଖବର ଗୀତ ଯାହା ଚାଲୁଚି ସବୁ ଆଧୁନିକ କାଳଗଉଣା, ଟଙ୍କା ପାଇ ପାଉଡି କେହି ଦେଉନାହାନ୍ତି, ଅର୍ଥ ଦେଣନେଣ ପାଇଁ ରେଭିନେର ଷ୍ଟାମ୍ପ ଟିକେଟ ଉଠିଗଲାଣି । ମନିଅର୍ଡ଼ରର ଚାହିଦା କମିଛି ସାଥି ସାଥି ଦୂରସ୍ଥାନକୁ ଟଙ୍କା ପ୍ରେରଣ ହେଉଛି । ଏସବୁ 'କଳ' ଏକାଳରେ ଏହି କଳ ସବୁ ଗଉଣା ବାଜଣା, ମୁଲିଆ କାମ ବହୁଅସାଧ କାମ କରିପାରୁଛି, ଏମିତି ଶାସନ କଳ, ରାଜଧାନୀରୁ ଦେଶର ସୀମା ଯାଏ ନିୟନ୍ତ୍ରଣରେ ରଖିପାରିଲାଣି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା

## ଅଲେଖ ଚନ୍ଦ୍ର ସାମଲ

ତ୍ୟାଗ, ତପସ୍ୟା, ଆତ୍ମଜ୍ଞାନ, ବ୍ରହ୍ମଦୀକ୍ଷା ଓ ବ୍ରହ୍ମଉପାସନାର ଧର୍ମ ମହିମା ଧର୍ମ । ସକଳ ମତବାଦର ସାର ନିର୍ଯାସ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦରେ ଏହା ପରିପୁଷ୍ଟ ଓ ପରିବର୍ଦ୍ଧିତ । ଏକଦା ପବିତ୍ର ଉତ୍କଳଭୂମିର ଯୋରନ୍ଦାରେ ଅଙ୍କୁରିତ ହୋଇଥିବା ଏହି ଭୂମାସ୍ପର୍ଶୀ ବିଶାଳ ଧର୍ମବୃକ୍ଷ ସମଗ୍ର ଭାରତବର୍ଷକୁ ଧାର୍ମିକ ଚେତନାରେ ପ୍ଳାବିତ କରୁଛି । ଗୁରୁ ମହିମାସ୍ୱାମୀଙ୍କ ଯୋଗ୍ୟ ଆଜ୍ଞାବାହ ଭାବେ ପ୍ରଥମପନ୍ଥୀ, ଦ୍ୱିତୀୟପନ୍ଥୀ ଓ ବାର୍ତ୍ତମାନିକ ତୃତୀୟପନ୍ଥୀ ବଳକଳଧାରୀ ଅବଧୂତ ସନ୍ୟାସୀ ଧର୍ମପ୍ରଚାର ପ୍ରାରମ୍ଭରୁ ଆଜିସୁଦ୍ଧା ମହିମା ଧର୍ମଧାମର ସୁରକ୍ଷା, ସମୃଦ୍ଧି ଅକ୍ଷୁଣ୍ଣ ରଖି ଆସିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା । ମାନବଧର୍ମର ମହୋତ୍ସବ କୁହାଯାଉଥିବା ଏହି ଯୋରନ୍ଦା ମହିମା ମେଳାରେ ଲକ୍ଷ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କ ସମାଗମ ହୋଇଥାଏ । ମହିମା ମେଳା ଅବସରରେ ସମାଧି ମନ୍ଦିର ନିକଟରେ ସୁନା ଓ ରୂପାର ଛାତ୍ରୀ, ତରାସ, ଚାମର, ଢ଼ାଲ, ଗଡୁ, ଲୋଟା, ଥାଳି ଆଦି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ସୁସଜ୍ଜିତ କରାଯାଇଥାଏ । ମନ୍ଦିର ପରିସରରେ ଦଳ ଦଳ ହୋଇ ମହିମା ସାଧୁସନ୍ଥମାନଙ୍କ ଖଞ୍ଜଣି ଭଜନ ଗାନ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଗଭୀର କରିଥାଏ । ମନ୍ଦିରର ଅଖଣ୍ଡ ଧୁନିରେ ବିଶ୍ୱକଲ୍ୟାଣ ଶାନ୍ତି କାମନା ନିମନ୍ତେ ମହିମା ସାଧୁସନ୍ଥମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଥାଏ । ସଭାଗୃହ ଠାରେ ମହିମା ସାଧୁ ସମ୍ମିଳନୀ ଓ ଧର୍ମ ଆଲୋଚନା ଆଦି ହୋଇଥାଏ । ମହିମା ମେଳା ତିନି ଦିନ ଧରି ଅନୁଷ୍ଠିତ ହୁଏ । ଉନ୍ନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଧର୍ମ ଓ ସଂସ୍କୃତିର ପ୍ରଭାବରେ ଭାରତୀୟ ଆଧ୍ୟାତ୍ମିକ ଚେତନା ଏକ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହୋଇଥିଲା । ସେ ସମୟରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ବିଶେଷ ପରିବର୍ତ୍ତନ ପ୍ରକ୍ରିୟା ଅନୁଭୂତ ହୋଇଥିଲା । ପବିତ୍ର ଉତ୍କଳ ଭୂମିରେ ସାଧୁ ସୁନ୍ଦର ଦାସ ଓ ଅରକ୍ଷିତ ଦାସ ମହାତ୍ମାଙ୍କ ସମେତ ପୂଜ୍ୟ ମହିମା ସ୍ୱାମୀ ଆର୍ବିଭାବ ହୋଇଥିଲେ । ମହିମା ସ୍ୱାମୀଙ୍କର ପ୍ରକୃତ ପରିଚୟ, ଜୀବନଚର୍ଯ୍ୟା ତଥା ଜନ୍ମ ସମ୍ପର୍କରେ ଠୋସ୍ ପ୍ରମାଣ କାହା ପାଖରେ ନଥିବା ବେଳେ ମହିମାଧର୍ମାବଲମ୍ବୀଙ୍କ ମତରେ ସେ ଅଲେଖ ପରଂବ୍ରହ୍ମଙ୍କ ଅବତାରରେ ଏବଂ ଧର୍ମସଂସ୍ଥାପନାର୍ଥେ ସ୍ୱମହିମାରେ ଆର୍ବିଭୂତ ହୋଇଥିଲେ । ୧୭୩୨ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀଙ୍କର ଆର୍ବିଭାବ, ଦୀର୍ଘ ୧୪୪ ବର୍ଷ ମହିମାଲୀଳା ସଂରଚନା କରିବା ପରେ ୧୮୭୬ ଖ୍ରୀଷ୍ଟାବ୍ଦରେ ତିରୋଧାନ କରିଥିଲେ ବୋଲି ମହିମାଧର୍ମୀ କହନ୍ତି । ମହିମା ସ୍ୱାମୀଙ୍କର ପ୍ରକୃତ ଆର୍ବିଭାବ କାଳର ପ୍ରାମାଣିକ ତଥ୍ୟ ମିଳିନଥିଲେ ସୁଦ୍ଧା ୧୮୨୬ ମସିହାରେ ସେ ପୁରୀରେ ଅଲେଖ ମଣ୍ଡଳ ପ୍ରତିଷ୍ଠା କରିଥିବାର ଇତିହାସରେ ସୂଚନା ରହିଛି । ୧୮୨୬ ମସିହା ଠାରୁ ୧୮୩୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ସେ ଖଣ୍ଡଗିରି ଗୁମ୍ଫାରେ କେବଳ ଜଳପାନ ପୂର୍ବକ ସମାଧି ଯୋଗ ଅବଲମ୍ବନ କରିଥିଲେ । ୧୮୩୮ ମସିହାରେ ମହିମା ସ୍ୱାମୀ ପୁରାଣ ପ୍ରସିଦ୍ଧ କପିଳାସ ପର୍ବତର ପଶ୍ଚିମ ପାର୍ଶ୍ୱରେ ସମାଧିସ୍ଥ ହେଲେ । ଏହି ପବିତ୍ର ତପସ୍ୟା ପୀଠ ସଂପ୍ରତି ତପୋବନ ଆଶ୍ରମ ନାମରେ ପରିଚିତ ।

କପିଳାସ ତପୋବନ ଆଶ୍ରମରେ ମହିମା ସ୍ୱାମୀ ୧୮୬୨ ମସିହାରେ ମହିମା ଦର୍ଶନର ଦିବ୍ୟପ୍ରାପ୍ତି ହେଲେ । ସେହି ମହିମା ଦର୍ଶନର ସାରସତ୍ତା ହେଉଛି ଅଲେଖ ପରଂବ୍ରହ୍ମଙ୍କ ଠାରୁ ଆତ୍ମାକ୍ଷରିତ । ତାଙ୍କରିଠାରେ ଅର୍ପିତ ଏବଂ ଶେଷରେ ତାଙ୍କରି ଶରଣ ଦର୍ଶନରେ ମୁକ୍ତି । ଏହି ଦର୍ଶନକୁ ଭିତ୍ତି କରି ପୂଜ୍ୟ ମହିମା ସ୍ୱାମୀ ମହିମା ଧର୍ମର ଉନ୍ମେଷ ଘଟାଇଥିଲେ । ଏକ ନୂତନ ଧର୍ମର ପ୍ରତିଷ୍ଠା କରିଥିବାରୁ ଏବଂ ଧର୍ମର ନାମ ମହିମାଧର୍ମ ହୋଇଥିବାରୁ ପରବର୍ତ୍ତୀ ସମୟ ଠାରୁ ସେ ମହିମା ଗୋସାଇଁ ଭାବେ ପରିଚିତ ହୋଇଥିଲେ । ମହିମା ଧର୍ମ ହିଁ ବେଦାନ୍ତ ଦର୍ଶନ ବିଚାରରେ ମାନବ ଧର୍ମ । ଦିବ୍ୟ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଉପାସନା, ଭାଷା, ବେଶଭୂଷାର ଭିନ୍ନତା ସତ୍ତ୍ୱେ ସକଳ ମାନବ ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ମହିମା ଧର୍ମର ପ୍ରତିଷ୍ଠା ମହିମା ସ୍ୱାମୀ ସାମାଜିକ ସଂସ୍କାରର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟରେ କହିଥିଲେ । ମହିମା ସ୍ୱାମୀଙ୍କର ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ଶିଷ୍ୟ । ଆଉ ପ୍ରମୁଖ ଶିଷ୍ୟ ହେଉଛନ୍ତି ସନ୍ଥକବି ଭୀମଭୋଇ । ପ୍ରାତଃସ୍ମରଣୀୟ ମହିମା ସ୍ୱାମୀ ପୁରପଲ୍ଲୀରେ ସର୍ବତ୍ର ପରିଭ୍ରମଣ କରି ୬୪ଜଣଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ ଏବଂ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ ହେବା ନିମନ୍ତେ ବହୁ ସ୍ଥାନରେ ଟୁଙ୍ଗୀ ବା ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେଥିମଧ୍ୟରୁ ଯୋରନ୍ଦା ଟୁଙ୍ଗୀ ହିଁ ଥିଲା ମୁଖ୍ୟ । ମହିମା ସ୍ୱାମୀଙ୍କ ତିରୋଧାନ ପରେ ତାଙ୍କର ଚାରି ହାତର ସମାଧି ଉପରେ ଗାଦି ମନ୍ଦିର ନିର୍ମାଣ କରାଯାଇଛି । ତା'ପରେ ଶୂନ୍ୟ ମନ୍ଦିର, ଧୁନି ମନ୍ଦିର, ସଭାଗୃହ, ପୁସ୍ତକାଳୟ, ବହୁ ମଠ ଓ ଆଶ୍ରମ ନିର୍ମାଣ ହୋଇଛି । ବର୍ତ୍ତମାନ ଦେଶ ଓ ବିଦେଶରେ ମଧ୍ୟ ଅଗଣିତ ମହିମା ସନ୍ନ୍ୟାସୀ ମହିମାଗାଦିର ବିଭିନ୍ନ ମଠ ଓ ଆଶ୍ରମରେ ରହି ଧର୍ମ ପ୍ରଚାର ଚଳାଇଛନ୍ତି । ହେଲେ ମହିମା ଧର୍ମର ମୁଖ୍ୟ କାର୍ଯ୍ୟାଳୟ ଏହି ଯୋରନ୍ଦା ଠାରେ ରହିଆସିଛି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରେ ଅଷ୍ଟାଙ୍ଗ ପ୍ରଣାମ ପୂର୍ବକ ଅଲେଖ ପରଂବ୍ରହ୍ମଙ୍କର ଶରଣାପନ୍ନ ହେବା ହିଁ ମହିମା ସ୍ୱାମୀଙ୍କ ପ୍ରବର୍ତ୍ତିତ ନିତ୍ୟ ଉପାସନା । ସମ୍ପୂର୍ଣ୍ଣ ସରଳ ଓ ନିରାଡ଼ମ୍ବର ଜୀବନଯାପନ ହିଁ ମହିମା ଧର୍ମର ସନ୍ଦେଶ । ମହିମାଧର୍ମୀ ସାଧୁସନ୍ଥ ଓ ଗୃହୀମାନେ ସତ୍ୟବାଦୀ, ନିରାଡ଼ମ୍ବର, ମିଷ୍ଟଭାଷୀ ଏବଂ ସଦା ପ୍ରସନ୍ନମନା । ସନ୍ନ୍ୟାସୀମାନେ ବଳକର ବା କୌପୀନି ଆଉ ଗୃହୀମାନେ ଗେରୁଆବସ୍ତ୍ର ପରିଧାନ କରିଥାନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ମୁକ୍ତାକାଶ ତଳେ ନୂତନ ମାଟି ପାତ୍ର ବା ପତ୍ରରେ ଶାକାନ୍ନ ଭୋଜନ ହିଁ ମହିମା ଧର୍ମର ଶ୍ରେଷ୍ଠ ଆଚରଣ । ସନ୍ନ୍ୟାସୀମାନେ କୌଣସି ଟୁଙ୍ଗୀରେ ଏକ ରାତିରୁ ଅଧିକ ସମୟ ନିବାସ ନ କରିବା ମଧ୍ୟ ମହିମା ଧର୍ମରେ ନିୟମ ରହିଛି । ମହିମା ସ୍ୱାମୀ ମହିମା ଧର୍ମ ସମ୍ବନ୍ଧୀୟ କୌଣସି ସାହିତ୍ୟ ରଚନା କରି ନଥିଲେ । ପରବର୍ତ୍ତୀ ସମୟରେ ମହିମା ଧର୍ମ ସମ୍ବନ୍ଧୀୟ ପ୍ରମୁଖ ସାହିତ୍ୟ ସନ୍ଥ କବି ଭୀମଭୋଇ ରଚନା କରି ମହିମା ଧର୍ମକୁ ଅଧିକରୁ ଅଧିକ ପ୍ରଚାର ଓ ପ୍ରସାର କରି ପାରିଥିଲେ । ପରବର୍ତ୍ତୀ କାଳରେ ଅଗଣିତ ସାଧୁସନ୍ଥ, ମହାତ୍ମା ଓ ବିଜ୍ଞ ପ୍ରାଜ୍ଞମାନେ ମହିମା ଧର୍ମ ସମ୍ବନ୍ଧୀୟ ବହୁ ରଚନା କରିଥିଲେ । ଯେଉଁ ମହିମା ସନ୍ନ୍ୟାସୀମାନେ ଦେଶ ଓ ବିଦେଶରେ ରହି ଧର୍ମ ପ୍ରଚାର କରୁଛନ୍ତି ସେମାନେ ଏକତ୍ରିତ ହେବା, ଗୃହୀ ଭକ୍ତଙ୍କର ସମାଗମ ତଥା ମହିମା ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ମହିମା ସ୍ୱାମୀ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ଟୁଙ୍ଗୀ ନିକଟରେ ମହିମା ମେଳା ଆରମ୍ଭ କରିଥିଲେ । ଆରମ୍ଭରୁ ଏହି ମହିମା ମେଳା ଛୋଟ ଆକାରରେ ହେଉଥିବା ବେଳେ କ୍ରମଶଃ ବୃଦ୍ଧି ପାଇ ବିଶ୍ୱ ପ୍ରସିଦ୍ଧ ମହିମା ମେଳାରେ ପରିଣତ ହୋଇଛି । ଭୀମଭୋଇ ପ୍ରଭୁ ମହିମାସ୍ୱାମୀଙ୍କ ଠାରୁ ଉପଦେଶ ଓ କବିତା ଶକ୍ତି ପ୍ରାପ୍ତ ହୋଇ ମହିମାଧର୍ମର ପ୍ରଥମ ଗୃହସ୍ଥ ଭକ୍ତ ହେବାର ଗୌରବ ଅର୍ଜନ କରିଥିଲେ । ଏହି ଧର୍ମ କାହାର ବିରୋଧାଭାସ ନୁହେଁ, ବରଂ ହିନ୍ଦୁଧର୍ମର ବିଶୁଦ୍ଧ ରୂପାନ୍ତର ଓ ବେଦାନ୍ତସିଦ୍ଧ ଧର୍ମ ଅଟେ । ସତ୍ୟ ମହିମା ଧର୍ମ ଗ୍ରନ୍ଥକୋଷ ସମିତି, ମହିମାଗାଦି ଦ୍ୱାରା ବିଭିନ୍ନ ଭାଷାରେ ପ୍ରକାଶିତ ଏହି ଧର୍ମର ପ୍ରାମାଣିକ ଧର୍ମଗ୍ରନ୍ଥଗୁଡ଼ିକ ଯଥା - ସତ୍ୟ ମହିମା ଧର୍ମ ପ୍ରତିପାଦକ, ମହିମା ଧର୍ମ ଇତିହାସ, ମହିମାଗାଦି ମହିମାଧାମ ଇତିହାସ, ସର୍ବବେଦବେଦାନ୍ତ ସାର ତତ୍ତ୍ୱ, ଶିରୋମଣି ସିଦ୍ଧସାଧୁ ଚରିତ୍ରାମୃତ, ଗୃହସ୍ଥ ଶୁଭକର୍ମ ବିଧାନାଦି ଓ ଭୀମଭୋଇ କୃତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୁପଣ ଗୀତା, ଭଜନ ଚଉତିଶା ପ୍ରଭୃତି ଅନ୍ୟତମ ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଅଗ୍ନି ଉତ୍ସବ : ''ଓଁ ଆଗ୍ନେୟ ନମଃ''

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଂସ୍କୃତି ଓ ପରମ୍ପରା ସହ ଓଡ଼ିଶା ମାଟି ଓତଃପ୍ରୋତ ଭାବେ ଜଡ଼ିତ । ଏଠାରେ ବାରମାସରେ ତେରପର୍ବ ପାଳନ କରାଯାଇଥାଏ । ମାଘ ମାସରେ ପଡୁଥିବା ପୂର୍ଣ୍ଣିମାକୁ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । କେହି କେହି ଏହାକୁ ଅଗିରା ପୁନେଇଁ ବା ଅଗିଜଳା ପୁନେଇଁ ବୋଲି ମଧ୍ୟ କହିଥାନ୍ତି । ଶୀତ ଋତୁକୁ ବିଦାୟ ଦେବା ଅବସରରେ ଏହି ପର୍ବ ପାଳନ କରାଯାଇଥାଏ । କୃଷିଭିତ୍ତିକ ଉତ୍ସବ ଭାବେ ଅଗିରା ପୂର୍ଣ୍ଣିମା ପ୍ରସିଦ୍ଧ । ଓଡ଼ିଶାର ଲୋକମାନେ ନିଜ ପରିବାରର ସମୃଦ୍ଧି ତଥା ଭଲ ଫସଲ ଅମଳ ଆଶାରେ ଏହାକୁ ପାଳନ କରିଥାନ୍ତି । ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମାରେ ମୁଖ୍ୟତଃ କାଠ, ବାଉଁଶକୁ ଏକାଠି ନିଆଁ ଲଗାଇ ପୋଡ଼ା ଯାଇଥାଏ । ଏହି ଅଗ୍ନିରେ ନଡ଼ିଆ, ଆଳୁ, ବାଇଗଣ, ସାରୁ, କଖାରୁ, କୋବି, ଧାନ ପୋଡ଼ାଯାଇଥାଏ । ଏହି ପୋଡ଼ାକୁ ପ୍ରସାଦ ଭାବେ ଗ୍ରହଣ କରାଯାଏ । ଶାସ୍ତ୍ର ମତାନୁସାରେ, ଅଗ୍ନି ହେଉଛନ୍ତି ଜ୍ଞାନର ଦେବତା । ଅଗ୍ନି, ବିଜୁଳି ଓ ସୂର୍ଯ୍ୟ ହେଉଛନ୍ତି ଅଗ୍ନି ଦେବତାଙ୍କ ତିନୋଟି ରୂପ । ବିଷ୍ଣୁ ପୁରାଣ ଅନୁସାରେ ବ୍ରହ୍ମାଙ୍କ ବଡ଼ପୁଅ ହେଉଛନ୍ତି ଅଗ୍ନି । ଅଗ୍ନି ପାଚନରେ ଉର୍ଜା ଯୋଗାଇଥାଏ ବୋଲି ଆୟୁର୍ବେଦର ବର୍ଣ୍ଣିତ । ସାରା ବିଶ୍ୱ ତଥା ସ୍ୱାସ୍ଥ୍ୟ ପାଇଁ ଅଗ୍ନିଙ୍କ ସ୍ୱରୂପ ସୂର୍ଯ୍ୟଙ୍କର ନିତ୍ୟାନ୍ତ ଆବଶ୍ୟକତା ରହିଛି । ତେଣୁ ମାଘ ମାସରେ ଅଗ୍ନିଙ୍କୁ ସମ୍ମାନ ଜଣାଇ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ପାଳନ କରାଯାଇଥାଏ ।

ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତ ସତ୍‌ସଙ୍ଗୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇ ସୂର୍ଯ୍ୟପୂଜା କରିବାକୁ କହିଛନ୍ତି - ହେ ସୂର୍ଯ୍ୟ, ହେ ଆମ୍ଭମାନଙ୍କର ଜୀବନ ଓ ବୃଦ୍ଧିର ଉଦ୍‌ଗାତା ଆବଶ୍ୟକୀୟ ଯଜ୍ଞ, ହେ ମହାନ ଆଚରଣ ପ୍ରତିଷ୍ଠିତ ଶ୍ରେଷ୍ଠ ଯଜ୍ଞକର୍ତ୍ତୃଗଣ, ଆମ୍ଭମାନଙ୍କର ଅନବିଧାତ ଅସାଙ୍ଗ ଯଜ୍ଞକୃତ ପାପ ଠାରୁ ରକ୍ଷା କରନ୍ତୁ । ଆମ୍ଭେମାନେ ଆମ୍ଭମାନଙ୍କର ପ୍ରବୃତ୍ତି ସ୍ୱାର୍ଥ-ସମ୍ପାଦନ ପ୍ରଲୁବ୍ଧ ହୋଇ ଅହୋରାତ୍ରି ଆଦର୍ଶ ବିମୁଖ - ଇନ୍ଦ୍ରିୟ ବଶବର୍ତ୍ତୀ ହୋଇ ମନ, ବାକ୍ୟ, ହସ୍ତ, ପଦ, ଉଦର ଓ ଶିଶ୍ନ ଦ୍ୱାରା ଯେଉଁ ସମସ୍ତ ଜୀବନ କ୍ଷୟକାରୀ, ଦୂରିତକର୍ମ କରୁଅଛୁ, ଆଲୋକ ତାହା ଅବଲୁପ୍ତ କରିଦିଅନ୍ତୁ, ଏହି-ମୁହିଁ-ମୋତେ ପରମ-ଅମୃତ-ଯୋନୀ ସମ୍ଭୂତ ଧ୍ୱାନ୍ତାରୀ ସୂର୍ଯ୍ୟ-ଜ୍ୟୋତିକୁ ଆହୁତି ଦେଉଛି । ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ ତେବେ ଜଣାଯିବ ତୁମର ଧର୍ମ ରାଜ୍ୟରେ ପଶିବାର ଅଧିକାର ଜନ୍ମିଛି ।

ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କ ବେଦରେ ଅଗ୍ନି ବୋଲି କୁହାଯାଇଛି । ଦେବତାଙ୍କର ହୁତବହ ବା ଯଜ୍ଞଭାଗ ବହନକାରୀ ସେ ଧର୍ମଗୁରୁ, ପୁରୋଧା, ଦେବଦୂତ, ଦେବତା ମାନଙ୍କର ପ୍ରତିନିଧି ସ୍ୱରୂପ ତେଣୁ ଅଗ୍ନିରେ ସେମାନଙ୍କ ଦେବତା ମାନଙ୍କ ନିମିତ୍ତ ନାନା ପ୍ରକାର ଯଜ୍ଞ କରିଥିଲେ । ''ଦ୍ରବ୍ୟ ଯଜ୍ଞା ସ୍ତପୋଯଜ୍ଞା ଯୋଗ ଯଜ୍ଞା ସ୍ତଥା ପରେ, ସ୍ୱଧାୟ ଜ୍ଞାନ ଯଜ୍ଞାଶ୍ଚ ଯତୟଃ ସଂଶିତ ବ୍ରତାଃ'' । ଆକାଂକ୍ଷା, ଅଭିଳାଷ, ମନସ୍କାମନା ସିଦ୍ଧି ନିମିତ୍ତ ଆର୍ଯ୍ୟ ଋଷିମାନେ ଦ୍ରବ୍ୟ ଯଜ୍ଞ, ତପ ଯଜ୍ଞ, ଯୋଗ ଯଜ୍ଞ, ଜ୍ଞାନ ଯଜ୍ଞ ପ୍ରଭୃତି ନାନା ପ୍ରକାର ଯଜ୍ଞକରି ଆନନ୍ଦ ଲାଭ କରି ନିଜର ସଂକଳ୍ପ ସିଦ୍ଧି କରିପାରୁଥିଲେ ବୋଲି ଶ୍ରୀମଦ୍ ଭାଗବତ୍ ଗୀତାରେ କୁହାଯାଇଛି । କ୍ରମଶଃ)



# କେଦାରନାଥରେ ବ୍ୟାନ୍ ହେବ ମୋବାଇଲ୍ ଓ କ୍ୟାମେରା

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** କେଦାରନାଥରେ ବ୍ୟାନ୍ ହେବ ମୋବାଇଲ୍ ଓ କ୍ୟାମେରା । ସେଠାରେ ଆଉ କେହି ଫଟୋ କି ରିଲ୍ସ ବନାଇପାରିବେ ନାହିଁ । ପୂର୍ବରୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ବାବାଙ୍କ ନିକଟରେ ଫଟୋ ଉଠାଇବା ସହ ସେଠାରେ ରିଲ୍ସ କରୁଥିବାର ମଧ୍ୟ ଦେଖିବାକୁ ମିଳୁଥିଲା, କିନ୍ତୁ ବର୍ତ୍ତମାନ ଏସବୁ ଉପରେ ପ୍ରତିବନ୍ଧକ ଲଗାଯିବ। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ହଜାର ହଜାର କିଲୋମିଟର ଦୂରରୁ ବାବା କେଦାନାଥଙ୍କ ଦର୍ଶନ କରିବାକୁ ଆସିଥାନ୍ତି । ଏଠି ପହଞ୍ଚିବା ମାତ୍ରେ ମୋବାଇଲ୍ ଓ କ୍ୟାମେରା ବାହାର କରି ମନ୍ଦିର ପରିସରରେ ଫଟୋ ଉଠାଇବା ସହ ରିଲ୍ସ ବନାଇବାରେ ଲାଗିପଡ଼ନ୍ତି । ଏହାଦ୍ୱାରା ମନ୍ଦିରର ପରମ୍ପରା ଓ ଗରିମା ନଷ୍ଟ ହେବା ସହ



ଦର୍ଶନ ପାଇଁ ଆସୁଥିବା ଅନ୍ୟ ଶ୍ରଦ୍ଧାଳୁ ବି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାଛଡ଼ା ମନ୍ଦିରରେ ଭିଡ଼ ବି ବଢ଼ିଥାଏ ଯମିଡିଆ। ରିପୋର୍ଟ ଅନୁସାରେ, ମନ୍ଦିରରେ କ୍ୟାମେରା ଓ ମୋବାଇଲ୍ ବ୍ୟାନ୍ କରିବା ନେଇ ଶକ୍ତ ନିୟମ ଅଣାଯିବ । ମନ୍ଦିର ପ୍ରଶାସନ ଏନେଇ ବିଚାର କରୁଛି । ଯଦି କୌଣସି ଶ୍ରଦ୍ଧାଳୁ ନିୟମ ଉଲ୍ଲଂଘନ କରନ୍ତି ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ତାଙ୍କ ଉପରେ ମୋଟା ଅଙ୍କର ଜରିମାନା ଲାଗୁ କରାଯିବ । ଏଠାରେ କହିରଖୁଛୁ କି, ମୋବାଇଲ୍ ବ୍ୟାନର ଅର୍ଥ ନୁହେଁ ଯେ ଶ୍ରଦ୍ଧାଳୁ ସାଙ୍ଗରେ ମୋବାଇଲ୍ ନେଇ ଯାତ୍ରା କରିପାରିବେ ନାହିଁ । ଯାତ୍ରା ସମୟରେ ଶ୍ରଦ୍ଧାଳୁ ତାଙ୍କ ସହ ମୋବାଇଲ ନେବାରେ କୌଣସି ସମସ୍ୟା ନାହିଁ, କେବଳ ମନ୍ଦିର ପରିସରରେ ମୋବାଇଲ୍ ଓ କ୍ୟାମେରାକୁ ବ୍ୟାନ୍ କରାଯାଇଛି । ଏଥିପାଇଁ ମନ୍ଦିର ପରିସରରେ ମୋବାଇଲ ଓ କ୍ୟାମେରା ରଖିବା ପାଇଁ ପ୍ରଶାସନ ତରଫରୁ ବ୍ୟବସ୍ଥା ମଧ୍ୟ କରାଯାଉଛି। ସେଠାରେ ଶ୍ରଦ୍ଧାଳୁ ନିଜର ଫୋନ୍ କିମ୍ବା କ୍ୟାମେରା ଜମା କରି ଦର୍ଶନ କରିପାରିବେ ।

# ଟ୍ରମ୍ପଙ୍କ ଚେତାବନୀକୁ ଖଣ୍ଡନ କଲେ ଷ୍ଟାର୍ମର

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ବ୍ରିଟିଶ ପ୍ରଧାନମନ୍ତ୍ରୀ କିଁ ଷ୍ଟାରମର୍ ଚୀନ୍ ସହିତ ଉତ୍ତମ ସମ୍ପର୍କ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ସହିତ ବ୍ରିଟେନର ସମ୍ପର୍କକୁ ବିପଦପୂର୍ଣ୍ଣ ବୋଲି କହିଥିଲେ । ତେବେ ଷ୍ଟାର୍ମର ଏହାକୁ ଖଣ୍ଡନ କରିଥିଲେ । ଷ୍ଟାର୍ମର ଆମେରିକୀୟ ଦଳ ସହିତ ଆଲୋଚନା କରିବା ପରେ ଚୀନ୍ ଗସ୍ତ କରିଥିବା ଓ ସହଯୋଗପୂର୍ଣ୍ଣ ସମ୍ପର୍କ ବଜାୟ ରଖିବା ବିଷୟରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତିଯବ୍ରିଟିଶ ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ରିଟେନ୍ ଚୀନକୁ ବହୁତ କିଛି



ଦେଇପାରିବ । ଚୀନ୍ ସହିତ ବ୍ରିଟେନର ବଢୁଥିବା ଘନିଷ୍ଠତା ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ ମଧ୍ୟରେ ଷ୍ଟାର୍ମରଙ୍କ ଏହି ମନ୍ତବ୍ୟ ଆସିଛି । ଆଠ ବର୍ଷ ମଧ୍ୟରେ ଏହା ଜଣେ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ । ତାଙ୍କର ଏହି ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଅନେକ ପାଶ୍ଚାତ୍ୟ ଦେଶ, ଆମେରିକାର ନୀତିରେ ଅସନ୍ତୁଷ୍ଟ ହୋଇ ଚୀନ୍ ସହିତ ନିଜନିଜର ସମ୍ପର୍କ ବୃଦ୍ଧି କରୁଛନ୍ତି। ଫ୍ରାନ୍ସ, କାନାଡା ଓ ଫିନଲାଣ୍ଡର ନେତାମାନେ ଗତ କିଛି ସପ୍ତାହ ମଧ୍ୟରେ ଚୀନ୍ ଗସ୍ତ କରିଛନ୍ତି । ଟ୍ରମ୍ପ ଚୀନ୍ ସହିତ କାନାଡାର ସମ୍ପର୍କ ନେଇ ନକାରାତ୍ମକ ମନ୍ତବ୍ୟ ଦେବା ପରେ ଷ୍ଟାର୍ମର ଏହାକୁ ଖଣ୍ଡନ କରି କହିଛନ୍ତି ଯେ, ଆଗାମୀ କିଛି ମାସ ମଧ୍ୟରେ ଟ୍ରମ୍ପ ବି ଚୀନ୍ ଗସ୍ତ କରିବେ ବୋଲି ଆଶା କରାଯାଉଛିଏକ ବ୍ରିଟିଶ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ଷ୍ଟାର୍ମର କହିଛନ୍ତି, ଆମେରିକା ଓ ବ୍ରିଟେନ ଘନିଷ୍ଠ ସହଯୋଗୀ । ସେଥିପାଇଁ ଆମେ ଚୀନ୍ ଆସିବା ପୂର୍ବରୁ ତାଙ୍କ ଦଳ ସହିତ ଏହି ଗସ୍ତ ବିଷୟରେ ଆଲୋଚନା କରିଥିଲୁ । ସେ କହିଛନ୍ତି, ମୁଁ ଭାବୁନାହିଁ ଯେ, ବ୍ରିଟେନ ଆଖି ବନ୍ଦ କରିବା ବୁଦ୍ଧିମାନର କାମ ହେବ । ଚୀନ୍ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି । ଅନ୍ୟପକ୍ଷରେ, ଟ୍ରମ୍ପଙ୍କ ମନ୍ତବ୍ୟ ବିଷୟରେ ପଚରାଯିବାରୁ, ବେଜିଂର ବୈଦେଶିକ ମନ୍ତ୍ରଣାଳୟ କହିଛି, ଚୀନ୍ ପାରସ୍ପରିକ ଲାଭ ଓ ସ୍ୱାର୍ଥ ପାଇଁ ସମସ୍ତ ଦେଶ ସହିତ ସହଯୋଗକୁ ସୁଦୃଢ଼ କରିବାକୁ ସବୁବେଳେ ପ୍ରସ୍ତୁତ ରହିଛିଷ୍ଟାର୍ମର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କ ସମେତ ଶୀର୍ଷ ନେତାମାନଙ୍କୁ ଭେଟିଛନ୍ତି । ଉଭୟ ପକ୍ଷ ଘନିଷ୍ଠ ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଷ୍ଟାର୍ମର ୟୁକେ ଓ ଚୀନ୍ ବାଣିଜ୍ୟ ପ୍ରତିନିଧିମାନଙ୍କୁ କହିଛନ୍ତି, ଯେ ଦୁଇ ପକ୍ଷ ସକାରାତ୍ମକ ଆଲୋଚନା କରିଛନ୍ତି । ବ୍ୟାଙ୍କ ଅଫ୍ ଚାଇନାରେ ଅନୁଷ୍ଠିତ ୟୁକେ-ଚୀନ୍ ବ୍ୟବସାୟ ଫୋରମରେ ଏକ ସଂକ୍ଷିପ୍ତ ଭାଷଣରେ ସେ କହିଥିଲେ ଯେ ବ୍ରିଟେନ ପାଖରେ ବହୁତ କିଛି ଦେବା ପାଇଁ ଅଛି ବୋଲି ଷ୍ଟାର୍ମର କହିଛନ୍ତି ।

# ଏମ୍ସରେ ଭର୍ତ୍ତି ହେଲେ ୱାଙ୍ଗଚୁକ୍

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ କର୍ମୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଛି । ନ୍ୟାୟିକ ହେପାଜତରେ ଥିବା ସମୟରେ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା । ଶନିବାର ସକାଳ ପ୍ରାୟ ୬ଟା ୩୦ ମିନିଟରେ ୱାଙ୍ଗଚୁକ୍‌ଙ୍କୁ ପୁଲିସ ଯୋଧପୁର ସେଣ୍ଟ୍ରାଲ ଜେଲରୁ ଏମ୍ସର ଜରୁରୀକାଳୀନ ୱାର୍ଡ଼ରେ ଭର୍ତ୍ତି କରିଥିଲା । ତାଙ୍କୁ ପ୍ରାୟ ଦେ ଘଣ୍ଟାଧରି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନେ ନିରୀକ୍ଷଣରେ ରଖିଥିଲେ । ଏମ୍ସ ସୂଚନା ଅନୁଯାୟୀ ସୋନମଙ୍କର ପାକସ୍ଥଳୀ ଜନିତ ସମସ୍ୟା ରହିଛି । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେଉଥିବା ମଧ୍ୟ ସେ ଅଭିଯୋଗ କରୁଛନ୍ତିଯ ଦିନକ ପୂର୍ବରୁ ତାଙ୍କୁ ଏମ୍ସକୁ ପରୀକ୍ଷଣ ପାଇଁ ନିଆଯାଇଥିଲା । ପରେ କଡ଼ା ସୁରକ୍ଷା ମଧ୍ୟରେ ପୁଣି ଥରେ ଯୋଧପୁର ସେଣ୍ଟ୍ରାଲ ଜେଲ୍‌କୁ ପଠାଇ ଦିଆଯାଇଥିଲା । ସୋନମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ତାଙ୍କ ପତ୍ନୀ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଗୁରୁବାର ଜଷ୍ଟିସ ଅରବିନ୍ଦ କୁମାର ଓ ପିଭି ବରଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନ ଉପରେ ଶୁଣାଣି କରି ସରକାରୀ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷା କରିଥିଲେ । ୱାଙ୍ଗଚୁକ୍‌ଙ୍କ ପକ୍ଷ ରଖି ବରିଷ୍ଠ ଓକିଲ କପିଲ ସିବଲ କୋର୍ଟଙ୍କୁ କହିଥିଲେ ଯେ, ୱାଙ୍ଗଚୁକଙ୍କଚ ଜେଲରେ ଦିଆଯାଉଥିବା ପାଣି ଯୋଗୁ ତାଙ୍କଠାରେ ପାକସ୍ଥଳୀ ସମସ୍ୟା ଦେଖାଯାଉଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉନାହିଁ । ବରିଷ୍ଠ ଓକିଲ ସିବଲ ଆହୁରି କହିଥିଲେ ଯେ, ସୋନମଙ୍କର ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ଏବଂ ତାଙ୍କ ପରିବାର ପକ୍ଷରୁ ଦିଆଯାଉଥିବା ପାନୀୟ ଜଳ ତାଙ୍କୁ ପିଇବାକୁ ଦେବାକୁ ଅନୁମତି ଦିଆଯାଉ । ସୁପ୍ରିମକୋର୍ଟ ୱାଙ୍ଗଚୁକଙ୍କ ମେଡିକାଲ ରିପୋର୍ଟ ଫେବୃଆରି ୨ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ଥାନ ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍ ନଟରାଜ କୋର୍ଟରେ ପକ୍ଷ ରଖି କହିଥିଲେ ଯେ, ୱାଙ୍ଗଚୁକ୍‌ଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଗତ ୪ ମାସରେ ତାଙ୍କର ୨୧ ଥର ସ୍ୱାସ୍ଥ୍ୟ ପରୀକ୍ଷା ହୋଇସାରିଛି । ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ଗତବର୍ଷ ସେପ୍ଟେମ୍ବରରେ ଲେହରେ ହିଂସା ଦେଖାଯାଇଥିଲା । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଛି ।

# ଆମକୁ ଭିକ ମାଗି ମୁଣ୍ଡ ନୁଆଇଁବାକୁ ପଡ଼ିବ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ପାକିସ୍ତାନର ଆର୍ଥିକ ଦୁର୍ଦ୍ଦଶା ଆଉ ଗୁପ୍ତ ହୋଇନାହିଁ, ଏବେ ସବୁକିଛି ଜଳ ଜଳ କରି ଦିଶୁଛି । ଏଥର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ନିଜେ ପାକିସ୍ତାନର ଅସହାୟତା ନେଇ ସାର୍ବଜନୀନ ଭାବେ ଦୁଃଖ ପ୍ରକାଶ କରିଛନ୍ତି । ନିକଟରେ ଏକ ଭାଷଣରେ ସରିଫ ସ୍ୱୀକାର କରିଛନ୍ତି ଯେ, ପାକିସ୍ତାନ ସମ୍ପୂର୍ଣ୍ଣ ଭାବରେ ବିଦେଶୀ ଆର୍ଥିକ ସହାୟତା ଏବଂ ବେଲଆଉଟ୍ ପ୍ୟାକେଜ ଉପରେ ନିର୍ଭରଶୀଳ ଏବଂ ଋଣ ମାଗିବାର କାରଣ ହେଉଛି ଅନ୍ତର୍ଜାତୀୟ ସ୍ତରରେ ଦେଶର ସମ୍ମାନହାନି ହୋଇଛି । ଶେହବାଜ ସରିଫ ଭାବପ୍ରବଣ ହୋଇ କହିଲେ, ମୁଁ ଆପଣଙ୍କୁ କେମିତି କହିବି ଯେ ଆମେ କେଉଁ ବନ୍ଧୁ ଦେଶକୁ ଯାଇ ଋଣ ପାଇଁ ଅନୁରୋଧ କରିଥିଲୁ ? ସେହି ଦେଶଗୁଡ଼ିକ ଆମକୁ ନିରାଶ କରିନାହାଁନ୍ତି, କିନ୍ତୁ ଯିଏ ଋଣ ନେବାକୁ ଯାଏ ତାହାର ମୁଣ୍ଡ ସବୁବେଳେ ତଳକୁ ନଇଁ ଥାଏ । ସେ ସ୍ପଷ୍ଟ ଭାବରେ ସ୍ୱୀକାର କରିଛନ୍ତି ଯେ, ଯେତେବେଳେ କୌଣସି ଦେଶ ଆର୍ଥିକ ସାହାଯ୍ୟ ମାଗେ, ସେତେବେଳେ ତାକୁ ନିଜର ଆତ୍ମସମ୍ମାନ ସହିତ ସାଲିସ୍ କରିବାକୁ ପଡ଼ିଥାଏ ଏବଂ ଋଣଦାତାମାନଙ୍କର ଏପରି



ସର୍ତ୍ତ ମାନିବାକୁ ପଡ଼ିଥାଏ, ଯାହାର ବୋଝ ମୁଣ୍ଡରେ ବୋହିବା ଅସମ୍ଭବ । ପ୍ରଧାନମନ୍ତ୍ରୀ ଶେହବାଜ କହିଛନ୍ତି ଯେ, ସେ ବ୍ୟକ୍ତିଗତ ଭାବରେ ଅଧିକାରୀଙ୍କ ସହିତ ଅନେକ ଦେଶ ଗସ୍ତ କରିଛନ୍ତି ଏବଂ IMF କାର୍ଯ୍ୟକ୍ରମକୁ ବଞ୍ଚାଇବା ପାଇଁ କୋଟି କୋଟି ଡଲାର ସହାୟତା ପାଇଁ ଅନୁରୋଧ କରିଛନ୍ତି । ଏହା ଉଲ୍ଲେଖନୀୟ ଯେ, ପାକିସ୍ତାନର ସମ୍ପୂର୍ଣ୍ଣ ଅର୍ଥନୀତି ବର୍ତ୍ତମାନ ଋଣ ଉପରେ ନିର୍ଭରଶୀଳ । IMF ର କଠୋର ସର୍ତ୍ତ ପାଳନ କରିବା ପାଇଁ, ସରକାର ଜନସାଧାରଣଙ୍କ ଉପରେ ଭାରୀ ଟିକସ ଏବଂ ମୁଦ୍ରାସ୍ଫୀତି ଲାଗୁ କରୁଛନ୍ତି । ପାକିସ୍ତାନ କେବଳ IMF ଏବଂ ବିଶ୍ୱ ବ୍ୟାଙ୍କର ଋଣୀ ନୁହେଁ, ବରଂ ଚୀନ୍ ଏବଂ ସାଉଦି ଆରବର ଯଥେଷ୍ଟ ଋଣରେ ଭାରାକ୍ରାନ୍ତ । ତଥ୍ୟ ଅନୁଯାୟୀ, ଡିସେମ୍ବର ୨୦୨୫ ସୁଦ୍ଧା ପାକିସ୍ତାନର ମୋଟ୍ ବାହ୍ୟ ଋଣ ପ୍ରାୟ ୫୨.୩୬୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ବିଶେଷଜ୍ଞଙ୍କ କହିବାନୁସାରେ, ଶେହବାଜ ସରିଫଙ୍କ ବକ୍ତବ୍ୟ ପ୍ରମାଣ କରେ ଯେ ପାକିସ୍ତାନ ଏବେ ସମ୍ପୂର୍ଣ୍ଣ ଭାବରେ ଋଣ ଜାଲରେ ଫସିଯାଇଛି ଏବଂ ତା' ପାଖରେ ଏହାର ସାର୍ବଭୌମତ୍ୱ ସହିତ ବୁଝାମଣା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ।

# ପୁଣି କମିଲା ସୁନା ରୁପା ଦର

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଗ୍ରାହକଙ୍କ ପାଇଁ ଖୁସି ଖବର । ଲଗାତାର ଦ୍ୱିତୀୟ ଦିନରେ ପୁଣି କମିଲା ସୁନା ରୁପା ଦର । ବାହାଘର ସିଜିନର ଚିନ୍ତାର କାରଣ ସାଜିଥିବା ସୁନା ରୁପା ଦରର ଅହେତୁକ ବୃଦ୍ଧିରେ ଏବେ ବ୍ରେକ୍ ଲାଗିଛି । ଦଶନ୍ଧିରେ ସର୍ବାଧିକ ଖସିଲା ରୁପା ଦରୟ ସୁନା ଦରରେ ମଧ୍ୟ ବଡ଼ ପରିବର୍ତ୍ତନ ହୋଇଛି । ତେଣୁ ଏହି ସୁଯୋଗର ଫାଇଦା ଉଠାଇବାକୁ ଚାହୁଁଛନ୍ତି ଲୋକେ । ପୁଣିଥରେ ଦର ବଢ଼ିବା ଆଗରୁ ଶୀଘ୍ର ଯାଇ ଆବଶ୍ୟକ ଜିନିଷ କିଣିଆଣିବାକୁ ଚାହୁଁଛନ୍ତି ଗ୍ରାହକ । ତେବେ ଆଜି ଲଗାତାର ଦ୍ୱିତୀୟ ଦିନରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୮,୬୨୦ ଟଙ୍କା ହ୍ରାସ ପାଇଛି । ଏହାସହ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ଦର ୧,୬୦,୫୮୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ଦର ୭୯୦୦ ଟଙ୍କା କମି ୧,୪୭,୨୦୦ ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୨୦,୪୪୦ ଟଙ୍କାରେ କାରବାର ହେଉଛି । ରୁପା କିଲୋ ପିଛା ମଧ୍ୟ ୫୫ ହଜାର ଟଙ୍କା ଖସିଛି । ଆଜି ରୁପା କେଜି ରହିଛି ୩ ଲକ୍ଷ ୫୦ ହଜାର ଟଙ୍କା ।

## ମାଲାମାଲ ହେବ ଭାରତ

# ଭେନେଜୁଏଲା ଦେଶ ସହ ହେବାକୁ ଯାଉଛି ବଡ଼ ଡିଲ୍

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କ ସହ ଫୋନ ମାଧ୍ୟମରେ କଥା ହୋଇଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ନେଇ ଆଲୋଚନା କରାଯାଉଛି । ରୋଡ୍ରିଗ୍ୱେଜ ଜାନୁୟାରୀ ୫ ତାରିଖରେ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ନିଯୁକ୍ତି ହୋଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କୁ ରାତାରାତି ଆମେରିକା ଉଠାଇ ଅଣାଯାଇଥିଲା । ଏହାପର ଠାରୁ ସେଠାରେ ରାଷ୍ଟ୍ରପତି ଭାବେ କିଏ



ନଜର ଆସିବେ ବୋଲି କୁହାଯାଉଥିଲା । ଆମେରିକା ମାଦୁରୋଙ୍କ ଗିରଫଦାରୀ କରିବା ପରେ ଭେନେଜୁଏଲାର ସୁପ୍ରିମକୋର୍ଟ ତାଙ୍କ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏନେଇ କହିଥିଲେ କି ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ସୁଶ୍ରୀ ଡେଲସି ରୋଡ୍ରିଗ୍ୱେଜ୍‌ଙ୍କ ସହ କଥା ହେଲି । ଆମେ ଆଗାମୀ ବର୍ଷଗୁଡ଼ିକରେ ଭାରତ-ଭେନେଜୁଏଲା ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇବାର ଏକ ସମାନ ଦୃଷ୍ଟିକୋଣ ସହିତ ସମସ୍ତ କ୍ଷେତ୍ରରେ ଆମର ଦ୍ୱିପାକ୍ଷିକ ସହଭାଗୀତାକୁ ଆହୁରି ଗଭୀର ଏବଂ ବିସ୍ତାର କରିବାକୁ ସହମତ ହୋଇଛୁ । ଏପରି କିଛି ଲେଖଥି ପ୍ରଧାନମନ୍ତ୍ରୀ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ୫୬ ବର୍ଷୀୟ ରୋଡ୍ରିଗ୍ୱେଜ୍ ଜଣେ ଶ୍ରମ ଓକିଲ ଯିଏକି ଘରୋଇ କ୍ଷେତ୍ର ସହିତ ଘନିଷ୍ଠ ଭାବରେ ଜଡିତ ଏବଂ ଭେନେଜୁଏଲାର ଶାସକ ପ୍ରତିଷ୍ଠାନ ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କ ରହିଛି । ତାଙ୍କୁ ତାଙ୍କ ଭାଇ ଜର୍ଜ ରୋଡ୍ରିଗ୍ୱେଜ୍ ଶପଥ ପାଠ କରାଇଥିଲେ, ଯିଏ ଭେନେଜୁଏଲାର ଜାତୀୟ ପରିଷଦର ମୁଖ୍ୟ । ଦୁଇ ଦେଶ ଭିତରେ ସମ୍ପର୍କ ସୁଦୃଢ଼ ରହିଲେ ଭାରତୀୟଙ୍କ ପାଇଁ ମଧ୍ୟ ଏହା ଲାଭଭାନ ହେବ, ଅନ୍ୟପଟେ ଭେନେଜୁଏଲାର ଲୋକଙ୍କ କଲ୍ୟାଣ ଏବଂ ସୁରକ୍ଷା ପ୍ରତି ଭାରତ ପୁଣିଥରେ ସମର୍ଥନ କରୁଛି ବୋଲି ସେ କହିଥିଲେ । ଆମେ ସମସ୍ତ ସମ୍ପୃକ୍ତଙ୍କୁ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବରେ ସମସ୍ୟାର ସମାଧାନ କରିବାକୁ ଆହ୍ୱାନ କରୁଛୁ, ଯାହାଦ୍ୱାରା ଏହି ଅଞ୍ଚଳର ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ ହେବ । କାରାକାସରେ ଥିବା ଭାରତୀୟ ଦୂତାବାସ ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ଯୋଗାଯୋଗରେ ଅଛି ଏବଂ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଜାରି ରଖିବ ବୋଲି ବିବୃତ୍ତିରେ କୁହାଯାଇଛି ।

# ବିବାଦୀୟ ମନ୍ତବ୍ୟ ଦେଇ ଫସିଲେ ଡୋନାଲ୍ଡ ଟ୍ରମ୍ପ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏକ ବୟାନ ଦେଇ ବିବାଦ ସୃଷ୍ଟି କରିଛନ୍ତି । ଗୁରୁବାର (୨୯ ଜାନୁଆରୀ, ୨୦୨୬) ସେ ସାର୍ବଜନୀନ ଭାବରେ କହିଥିଲେ ଯେ ସେ ଡଗ୍ ବର୍ଗମଙ୍କୁ ଆମେରିକାର ଗୃହ ସଚିବ ଭାବରେ ନିଯୁକ୍ତ କରିଥିଲେ କାରଣ ସେ ତାଙ୍କ ପତ୍ନୀ କ୍ୟାଥରିନ ବର୍ଗମଙ୍କୁ ପସନ୍ଦ କରନ୍ତି । ଏହି ବୟାନ ରାଜନୈତିକ ଏବଂ ସାମାଜିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଇଣ୍ଡିପେଣ୍ଡେଣ୍ଟ ରିପୋର୍ଟ ଅନୁଯାୟୀ, ଓଭାଲ ଅଫିସରେ ନିଶା ନିବାରଣ ସମ୍ବନ୍ଧୀୟ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିବା ପାଇଁ ଏକ କାର୍ଯ୍ୟକ୍ରମ ସମୟରେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଥିଲେ । ଡଗ୍ ବର୍ଗମ୍ ଏବଂ ତାଙ୍କ ପତ୍ନୀ କ୍ୟାଥରିନ ବର୍ଗମ୍ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଶେଷରେ ଟ୍ରମ୍ପଙ୍କ ମନ୍ତବ୍ୟ ଆସିଥିଲା, ଯାହାକୁ ଅନେକ ଲୋକ ଅସମ୍ବେଦନଶୀଳ ଏବଂ ଦାୟିତ୍ୱହୀନ ବୋଲି ସମାଲୋଚନା କରିଥିଲେ। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ପ୍ରଥମେ ଏକ ପ୍ରଚାର ଶୈଳୀର ଭିଡିଓରେ ଡଗ୍ ଏବଂ କ୍ୟାଥରିନ ବର୍ଗମଙ୍କୁ ଦେଖିଥିଲେ । ଭିଡିଓରେ କ୍ୟାଥରିନ ବର୍ଗମଙ୍କୁ ଘୋଡା ଚଢିବା ସମୟରେ ଦେଖିବାକୁ ମିଳିଥିଲା । ଟ୍ରମ୍ପଙ୍କ ଅନୁଯାୟୀ, ଭିଡିଓ ଦେଖିବା ସମୟରେ ସେ ତାଙ୍କ ସହଯୋଗୀମାନଙ୍କୁ ପଚାରିଥିଲେ ଯେ ଘୋଡାରେ ବସିଥିବା ମହିଳା କିଏ ।ପରେ ତାଙ୍କୁ କୁହାଯାଇଥିଲା ଯେ ସେ ତତ୍କାଳୀନ ଉତ୍ତର ଡାକୋଟାର ରାଜ୍ୟପାଳ ଡଗ୍ ବର୍ଗମଙ୍କ ପତ୍ନୀ ।

# ଯୁଦ୍ଧ ପାଇଁ ଇସ୍ରାଏଲକୁ ରେଡ୍ଡି କରୁଛନ୍ତି ଟ୍ରମ୍ପ !

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ଜାରି କରିଥିବା ସୂଚନା ମୁତାବକ ଜଣାପଡିଛି କି ଇସ୍ରାଏଲକୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ପଠାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । କେବଳ ଇସ୍ରାଏଲ ନୁହେଁ ସାଉଦି ଆରବକୁ ମଧ୍ୟ ଆମେରିକା ରାଷ୍ଟ୍ରପତି ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ପଠାଇଛନ୍ତି । ସୂଚନାମୁତାବକ ସାଉଦି ଆରବକୁ ୯ ବିଲିଅନ ଡଲାର ଓ ଇସ୍ରାଏଲକୁ ୬ ବିଲିଅନ ଡଲାରରୁ ମଧ୍ୟ ଅଧିକ ଟଙ୍କାର ଅସ୍ତ୍ରଶସ୍ତ୍ର ପଠାଇଛନ୍ତି ଆମେରିକା ରାଷ୍ଟ୍ରପତି । ଏଣୁ ମଧ୍ୟ ପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ହେବା ନେଇ ଆଶଙ୍କା ଦେଖାଦେଇଛି । ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ଭିତରେ ଯୁଦ୍ଧ ବିରାମ କରିବା ପାଇଁ ଶାନ୍ତି ଆଲୋଚନା ଉପରେ ଫୋକସ କରୁଥିବା ବେଳେ ଇସ୍ରାଏଲକୁ ଅସ୍ତ୍ର ଯୋଗାଉଥିବା ଘଟଣା ଅନେକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ଫିଲିଷ୍ଟାଇନ ବାସୀଙ୍କ ଅଞ୍ଚଳ ପୁରାପୁରି ଧ୍ୱଂସ ହୋଇଯାଇଥିବାରୁ ଏହାକୁ ପୁନଃ ଗଠନ କରିବା ପାଇଁ ଆଲୋଚନା କରାଯାଉଛି । ଏହି ଯୁଦ୍ଧରେ ଗାଜାରେ ହଜାରେ ହଜାରେ ଲୋକଙ୍କ ଜୀବନ ଯାଉଛି । ଆମେରିକା ସାଉଦି ଆରବକୁ ୯ ବିଲିୟନ ଡଲାର ମୂଲ୍ୟରେ ୭୩୦ ପାଟ୍ରିଅଟ୍ ଆଡଭାନ୍ସଡ୍ କ୍ୟାପାବିଲିଟି-୩ ମିସାଇଲ୍ ସେଗମେଣ୍ଟ ଏନହାନ୍ସମେଣ୍ଟ ମିସାଇଲ୍ ଏବଂ ସମ୍ପୃକ୍ତ ଉପକରଣ ଯୋଗାଇବ । ଷ୍ଟେଟ୍ ଡିପାର୍ଟମେଣ୍ଟ କହିଛି ଯେ ଏହି ଚୁକ୍ତି ଏକ ପ୍ରମୁଖ ଅଣ-ନାଟୋ ମିତ୍ରର ସୁରକ୍ଷା ବୃଦ୍ଧି କରି ଆମେରିକାର ବୈଦେଶିକ ନୀତି ଏବଂ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ମଜବୁତ କରିବ ଯାହା ଉପସାଗରୀୟ କ୍ଷେତ୍ରରେ ରାଜନୈତିକ ସ୍ଥିରତା ଏବଂ ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ଉନ୍ନତ କ୍ଷମତା ସାଉଦି ଆରବ, ଆମେରିକା ଏବଂ ଆଞ୍ଚଳିକ ମିତ୍ରର ସ୍ଥଳସେନାକୁ ସୁରକ୍ଷା ଦେବ ଏବଂ ଏହି କ୍ଷେତ୍ରରେ ସମନ୍ୱିତ ବାୟୁ ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାରେ ସାଉଦି ଆରବର ଅବଦାନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ଇସ୍ରାଏଲ ସହିତ ଆମେରିକାର ଚୁକ୍ତିନାମାକୁ ଚାରୋଟି ପୃଥକ ପ୍ୟାକେଜରେ ବିଭକ୍ତ କରାଯାଇଛି, ଯାହାର ମୋଟ ମୂଲ୍ୟ ୬.୬୭ ବିଲିୟନ ଡଲାର । ଏଥିରେ ୩୦ AH-64E ଆପାଚେ ଆକ୍ରମଣ ହେଲିକପ୍ଟର ଏବଂ ସେମାନଙ୍କ ସହିତ ଜଡିତ ଉପକରଣ, ଅସ୍ତ୍ରଶସ୍ତ୍ର ଏବଂ ରକେଟ୍ ଲଞ୍ଚର ଅନ୍ତର୍ଭୁକ୍ତ, ଯାହାର ମୂଲ୍ୟ ୩.୮ ବିଲିୟନ ଡଲାର ଯାଏଁ ରହିଛି । ଏହା ସହିତ, ୩,୨୫୦ ସଂଯୁକ୍ତ ହାଲୁକା କୌଶଳାତ୍ମକ ଯାନ (JLTV) । ଏହି ଯାନଗୁଡ଼ିକ ସୈନ୍ୟ ଏବଂ ଲଜିଷ୍ଟିକ୍ସ ପରିବହନ ପାଇଁ ବ୍ୟବହୃତ ହେବ । ସଶସ୍ତ୍ର କର୍ମଚାରୀ ବାହକ ପାଇଁ ପାୱାର ପ୍ୟାକ୍ ମଧ୍ୟ ଯୋଗାଇ ଦିଆଯିବ, ଯାହାର ମୂଲ୍ୟ ୭୪୦ ନିୟୁତ ଡଲାର । ଏହା ସହିତ, ଅନେକ ହାଲୁକା ଉପଯୋଗୀ ହେଲିକପ୍ଟର ଅଛି, ଯାହାର ମୂଲ୍ୟ ୧୫୦ ଡଲାର ନିୟୁତ ଯାଏଁ ରହିଛି । ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନିଜ ଦେଶରେ କିଛି ଜଣ ବିରୋଧ କରିଛନ୍ତି । ଅନ୍ୟପଟେ ଇରାନ ସହ ଆମେରିକାର ବଢୁଥିବା ଟେନସନ ମଧ୍ୟରେ ଏପରି ନିଷ୍ପତ୍ତି ନେଇଛନ୍ତି ଟ୍ରମ୍ପ। ତେବେ ସେ କାହିଁକି ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି ତାହା ଆଗକୁ ସ୍ପଷ୍ଟ ହୋଇଯିବ ।

# ୱିଙ୍ଗୋ ଆପ୍ ଉପରେ ରୋକ ଲଗାଇଲେ ସରକାର

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଗେମିଂ ଆପ୍ କହି ଲୋକଙ୍କୁ ବିଭ୍ରାନ୍ତ କରି ସାଇବର ଠକେଇ କରୁଥିବା ଅଭିଯୋଗ ଆଧାରରେ ସରକାର ୱିଙ୍ଗୋ ଆପକୁ ବ୍ଲକ୍ କରିଛନ୍ତି । ଏହି ଆପ୍ ବ୍ୟବହାରକାରୀଙ୍କ ଫୋନକୁ ନକଲି ଏସ୍‌ଏମ୍‌ଏସ୍ ମେସେଜ୍ ପଠାଇ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି । ଏହି ସୂଚନା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପାଖରେ ପହଞ୍ଚିବା ପରେ ତଦନ୍ତ କକରାଯାଇ ଆପକୁ ବ୍ଲକ୍ କରାଯାଇଛି ।ଅଧିକାରୀମାନେ କହିଛନ୍ତି, ଆଣ୍ଡ୍ରଏଡ୍ ଆପ୍ ବିରୋଧରେ ଅନେକ ଅଭିଯୋଗ ପାଇବା ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆପ୍ ବ୍ୟବହାରକାରୀମାନେ ଅଜାଣତରେ ସାଇବର ଅପରାଧୀମାନଙ୍କ ଦ୍ୱାରା ପରିଚାଳିତ ଏସ୍‌ଏମ୍‌ଏସ୍ ଠକେଇ ନେଟୱାର୍କର ଶିକାର ହେଉଥିବ ଅଭିଯୋଗ ହୋଇଥିଲା ।

# ମା', ମାଟି ଆଉ ମଣିଷ ବଙ୍ଗଳାରେ କେହି ସୁରକ୍ଷିତ ନୁହଁନ୍ତି

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ଗସ୍ତ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ନର୍ଥ ୨୪ ପ୍ରାଗଣରେ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ରାଜ୍ୟରେ ଦୁର୍ନୀତି ଏବଂ ବିପର୍ଯ୍ୟନ୍ତ ଶାସନକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଅମିତ ଶାହ । ଆମ ପ୍ରଧାନମନ୍ତ୍ରୀ ମୋଦି ବଙ୍ଗଳାର ବିକାଶରେ କୌଣସି କସରତ ଛାଡି ନାହାଁନ୍ତି। ରାଜ୍ୟରେ ଅବବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚ୍ୟାଲେଞ୍ଜ କରିଛନ୍ତି । ରାଜ୍ୟରେ ମା, ମାଟି ଆଉ ମଣିଷ କେହି ସୁରକ୍ଷିତ ନୁହଁନ୍ତି ବୋଲି କହି ରଣହୁଙ୍କାର ଦେଇଛନ୍ତି ଗୃହମନ୍ତ୍ରୀ ।

ନର୍ଥ ୨୪ ପ୍ରାଗଣରେ କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ମମତା ବାନାର୍ଜୀ ମମତାଙ୍କ ସରକାରରେ ଦୁର୍ନୀତିକୁ ସଂସ୍ଥାଗତ କରିଛନ୍ତି... କିନ୍ତୁ ସେ କୁହନ୍ତି, ଦୁର୍ନୀତି



କେଉଁଠି ? ମୁଁ ତାଙ୍କୁ 'କ୍ୟାସ୍ ଫର୍ କ୍ୱେରୀ' ଦୁର୍ନୀତି, ଶିକ୍ଷକ ନିଯୁକ୍ତି ଦୁର୍ନୀତି, SSC ଦୁର୍ନୀତି, ନଗର ନିଗମ ନିଯୁକ୍ତି ଦୁର୍ନୀତି, ଗାଈ ଚୋରା ଚାଲାଣ ଦୁର୍ନୀତି, ରାସନ୍ ଦୁର୍ନୀତି, ମନରେଗା ଦୁର୍ନୀତି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିଷୟରେ କହିବାକୁ ଚାହୁଁଛି ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି । ସେ ଏହା ଦେଖିପାରୁ ନାହାଁନ୍ତି କାରଣ ତାଙ୍କ ଭଣଜା ପ୍ରତି ତାଙ୍କର ଆଗ୍ରହ ଏବଂ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାର ଇଚ୍ଛା ଯୋଗୁଁ ତାଙ୍କ ଆଖି ମୋତିଆବିନ୍ଦୁରେ ପୀଡିତ । ବଙ୍ଗଳାର ଲୋକମାନଙ୍କୁ ତାଙ୍କ ଆଖିରେ ଅସ୍ତ୍ରୋପଚାର କରିବା ଆବଶ୍ୟକ । ସେ ଆହୁରି କହିଛନ୍ତି, ପାର୍ଥ ଚାଟାର୍ଜୀ, ଜ୍ୟୋତି ପ୍ରିୟା ମଲ୍ଲିକ, ଅନୁବ୍ରତ ମଣ୍ଡଳ, ଜୀବନ କୃଷ୍ଣ ସାହା, ମାଣିକ ଭଟ୍ଟାଚାର୍ଯ୍ୟ, ମଦନ ମିତ୍ର, ଚନ୍ଦ୍ରନାଥ ସିହ୍ନା, ପରେଶ ପାଲ, କୁନ୍ତଲ ଘୋଷ, ଆରବୁଲ୍ ଇସଲାମ, ଫିରହାଦ ହାକିମ୍, ସୋଭନ ଚାଟାର୍ଜୀ ଏବଂ କୁନାଲ ଘୋଷ ସମସ୍ତେ ଜେଲ୍ ଗଲେ । ଆଜି ମୁଁ ମମତାଙ୍କୁ ଚ୍ୟାଲେଞ୍ଜ କରୁଛି ଯଦି ତାଙ୍କର ଦୁର୍ନୀତିକୁ ବିରୋଧ କରିବାର ସାହସ ଅଛି, ତା'ପରେ ସେମାନଙ୍କୁ ଟିକେଟ୍ ଦିଅ ନାହିଁ । ସେ ଏହା କରିପାରିବେ ନାହିଁ । ଯଦି ସେମାନଙ୍କୁ ଟିକେଟ୍ ଦିଆ ନ ଯାଏ, ତେବେ ସେମାନେ ତାଙ୍କ ଭଣଜାର ନାମ ପ୍ରକାଶ କରିବେ । ମୁଁ ପ୍ରତିଶ୍ରୁତି ଦେଉଛି ଯେ ବିଜେପି ଏଠାରେ ସରକାର ଗଠନ କରିବା ପରେ, ଆମେ ସୁପ୍ରିମକୋର୍ଟର ବିଚାରପତିଙ୍କ ତତ୍ତ୍ୱାବଧାନରେ ସମସ୍ତ ଦୁର୍ନୀତି ଅଭିଯୋଗର ତଦନ୍ତ କରିବୁ ଏବଂ ସମସ୍ତ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଜେଲରେ ପକାଇବୁ ।

# ମୁସଲମାନଙ୍କ ପ୍ରତି ଦୁର୍ବ୍ୟବହାର କଲେ ଭାରତ ହିନ୍ଦୁ ରାଷ୍ଟ୍ର ହୋଇପାରିବ ନାହିଁ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ପ୍ରାୟତଃ ନିଜ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ପୁଣି ଥରେ ଖବରରେ ଅଛନ୍ତି । ବର୍ତ୍ତମାନ ଶାସ୍ତ୍ରୀ ଉତ୍ତର ପ୍ରଦେଶର ବନ୍ଦାରେ ଅଛନ୍ତି । ଏକ କାର୍ଯ୍ୟକ୍ରମରେ ବାଗେଶ୍ୱର ଧାମର ମୁଖ୍ୟ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି ଯେ, ହିନ୍ଦୁମାନେ ଗୋଟିଏ କଥା ମନେ ରଖିବା ଉଚିତ ମୁସଲମାନମାନଙ୍କୁ ଦୁର୍ବ୍ୟବହାର କରି ଭାରତ ହିନ୍ଦୁ ରାଷ୍ଟ୍ର ହୋଇ ପାରିବ ନାହିଁ । ହିନ୍ଦୁମାନଙ୍କୁ ସେମାନଙ୍କର ତ୍ରୁଟି ସୁଧାରିବାକୁ ପଡିବ, ତେବେ ହିଁ ଭାରତ ଏକ ହିନ୍ଦୁ ରାଷ୍ଟ୍ର ହେବ । ଧୀରେନ୍ଦ୍ର ଶାସ୍ତ୍ରୀ କହିଛନ୍ତି, ଭାରତ କେବଳ ସେତେବେଳେ ହିନ୍ଦୁ ରାଷ୍ଟ୍ର ହେବ ଯେତେବେଳେ ଆମେ ଆମର ସନାତନ ଧର୍ମର ତ୍ରୁଟିଗୁଡ଼ିକର ସୁଧାର କରିବୁ । ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର କରିବାର ଗୋଟିଏ ଉପାୟ ହେଉଛି, ଜାତିବାଦକୁ ଅଣଦେଖା କରିବା, ଆମେ ସମସ୍ତେ ହିନ୍ଦୁ ଭାଇ । ଜାତିବାଦକୁ ଦୂର କରିବା ବିଷୟରେ ଧୀରେନ୍ଦ୍ର କୃଷ୍ଣଙ୍କ ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଦେଶ ନୂତନ ୟୁଜିସି ନିୟମାବଳୀକୁ ନେଇ ବିବାଦରେ ଫସି ରହିଛି । ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଉତ୍ତର ପ୍ରଦେଶର ବାନ୍ଦାରେ ବିଜେପି ବିଧାୟକ ପ୍ରକାଶ ଦ୍ୱିବେଦୀଙ୍କ ବାସଭବନରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସି ଏଭଳି କହିଛନ୍ତି । ଶାସ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭକ୍ତମାନଙ୍କ ସହ ମଧ୍ୟ ଆଲୋଚନା କରି, ହିନ୍ଦୁମାନଙ୍କୁ ଏକତ୍ର କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏହି କାର୍ଯ୍ୟକ୍ରମରେ କହିଛନ୍ତି, ସମାଜରେ ଶାନ୍ତି ବଜାୟ ରଖିବା ପାଇଁ ପାରସ୍ପରିକ ସମ୍ମାନ ଓ ଆଇନର ସୀମା ମଧ୍ୟରେ ସଭିଏଁ ରହିବା ଆବଶ୍ୟକ । ନାମ ନ ନେଇ ଶାସ୍ତ୍ରୀ ତୁଳନା କରି କହିଥିଲେ ଯେ, ଅନ୍ୟ ଧର୍ମରେ କେବଳ ତିନି ଉଚ୍ଚାରଣରେ ଛାଡପତ୍ର ଦିଆଯାଇଥାଏ । ଯେତେବେଳେ ଆମ ଦେଶରେ ଛାଡପତ୍ର ପାଇଁ ୨୦-୨୫କୋର୍ଟରେ ହାଜର ହେବା ଓ ଏକ ଲମ୍ବା ଆଇନଗତ ପ୍ରକ୍ରିୟା ଆବଶ୍ୟକ ହୋଇଥାଏ ।

